
29 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
KVQA NORSK AKKREDITERING MSYS 007
NS-EN ISO 9001:2008 The Only ISO Certified Odiya Newspaper
କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୦ ● ସଂଖ୍ୟା–୩୩୨ ● ୧ ଜାନୁଆରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -30 ● Issue-332 ● 1st January 2024, Monday ● Bhubaneswar
Licensed to post without pre-payment of postage No- BN-60/22-24

DSPL-498

ଆମ ଓଡ଼ିଶା ନବୀନ ଓଡ଼ିଶା



## ନୂଆ ଓଡ଼ିଶାରେ ଏକ ଯୁଗାନ୍ତକାରୀ ପଦକ୍ଷେପର ଶୁଭାରମ୍ଭ

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ (ପ୍ରଥମ ପର୍ଯ୍ୟାୟ)

ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ରୁ ତ୍ରିଶୁଳିଆ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ
୧ ଜାନୁୟାରୀ ୨୦୨୪, ପୂର୍ବାହ୍ନ ୧୧:୩୦ ଘଟିକା



## ନୂଆ ଓଡ଼ିଶା - ରୂପାନ୍ତରିତ ଓଡ଼ିଶା

- 5T ସୁଶାସନ ଅନ୍ତର୍ଗତ ରାଜଧାନୀ ଅଞ୍ଚଳର ପରିବହନ ବ୍ୟବସ୍ଥାକୁ ରୂପାନ୍ତରଣ ପାଇଁ ଏକ ପଦକ୍ଷେପ
- ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଏବଂ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ
- ୬୨୫୫ କୋଟି ଟଙ୍କା ବିନିଯୋଗରେ ଓଡିଶା ସରକାରଙ୍କ ଏହି ପ୍ରକାର ପ୍ରଥମ ସମ୍ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ପ୍ରକଳ୍ପ
- ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ୨୬ କି.ମି. ବିଶିଷ୍ଟ ମେଟ୍ରୋ ରେଳ ପଥ
- କ୍ୟାପିଟାଲ ହସ୍ପିଟାଲ୍, ରାଜମହଲ, ଜୟଦେବ ବିହାର ଏବଂ ପଟିଆ ଛକ ସମେତ ୨୦ ଟି ଷ୍ଟେସନ
- ମେଟ୍ରୋ ରେଳ ଟ୍ରାକ୍ ଏବଂ ଷ୍ଟେସନଗୁଡିକ ଭୂଉଚ୍ଚ ପୋଲ ବିଶିଷ୍ଟ ଢାଞ୍ଚାରେ ନିର୍ମିତ ହେବ
- ଅତ୍ୟାଧୁନିକ କୋଚ୍ ଏବଂ ସିଗନାଲ୍ ବ୍ୟବସ୍ଥା
- ଉନ୍ନତ ଟିକେଟ୍ ବ୍ୟବସ୍ଥା

OIPR : 13252/13/0002/2324

୬ ଅନୁଗୁଳ ବାଗେଡ଼ିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମାରୋହ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୩୨ ● ୧ ଜାନୁଆରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -30 ● Issue-332
● 1st January 2024, Monday ● Bhubaneswar
Licensed to post without pre-payment of postage No- BN-60/22-24

## ଇତିହାସ ପୃଷ୍ଠାରେ ଯୋଡ଼ିହେବ ବାରଙ୍ଗର ନୂତନ ଅଧ୍ୟାୟ

# ଆଜି ମେଟ୍ରୋ ରେଳ ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ବାରଙ୍ଗ, ୩୧।୧୨ : ନ୍ୟୁଜ୍ ବ୍ୟୁରୋ**

ନୂତନ ବର୍ଷରେ ବାରଙ୍ଗରେ ଲେଖାହେବ ନୂଆ ଅଧ୍ୟାୟ। ଇତିହାସ ପୃଷ୍ଠାରେ ଯୋଡିହେବ ବାରଙ୍ଗର ନାମ। ନୂତନ ବର୍ଷର ପ୍ରଥମ ଦିନରେ ଶିଳାନ୍ୟାସ ହେବାକୁ ଯାଉଛି ଏହି ଐତିହାସିକ ମେଟ୍ରୋ ପ୍ରକଳ୍ପ। ଏହି ପ୍ରକଳ୍ପ ପାଇଁ ପୂର୍ବରୁ ମାଟି ପରୀକ୍ଷା ସହ ସମସ୍ତ ପ୍ରକାର ସର୍ଭେ ସରିଥିବା ବେଳେ ଏବେ କେବଳ ଶିଳାନ୍ୟାସ ହେବ। ଜାନୁୟାରୀ ୧ ତାରିଖରେ ଏହି ଐତିହାସିକ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ଚାଲିବା ନେଇ ଯୋଜନା ରହିଥିବା ବେଳେ ଏହି ମେଟ୍ରୋ ପ୍ରକଳ୍ପ ପାଇଁ ଜୟଦେବ ବିହାର ଠାରୁ ଆରମ୍ଭ କରି ତ୍ରିଶୂଳିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମାଟି ପରୀକ୍ଷା ମଧ୍ୟ ସରିଛି ଏବଂ ଏହି ପ୍ରକଳ୍ପର ଡ଼ିପିଆର ମଧ୍ୟ ପ୍ରସ୍ତୁତ କରାଯାଇଛି। ମେଟ୍ରୋ ପ୍ରକଳ୍ପ ରାଜ୍ୟ ସରକାରଙ୍କ ସ୍ୱପ୍ନର ପ୍ରକଳ୍ପ ହେଇଥିବା ବେଳେ ଏହି ମେଟ୍ରୋ ଟ୍ରେନ ଓଡ଼ିଶାରେ ପ୍ରଥମ ଥର ପାଇଁ ଚାଲିବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ଟୁଇନ ସିଟି ମଧ୍ୟରେ ମେଟ୍ରୋ ଚାଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ଚଳାଚଳ ହେବା ଫଳରେ ତ୍ରିଶୂଳିଆ ଛକ ହେବ ମୁଖ୍ୟ ପରିବହନର କେନ୍ଦ୍ରସ୍ଥଳୀ।



ରାଜ୍ୟ ସରକାର ମେଟ୍ରୋ ପ୍ରକଳ୍ପକୁ ପ୍ରଥମ ପର୍ଯ୍ୟାୟରେ ୬ହଜାର ୨୫୫ କୋଟି ବ୍ୟୟରେ ନିର୍ମାଣ କରିବାକୁ ଯାଉଥିବା ବେଳେ ଭୁବନେଶ୍ୱରରୁ ତ୍ରିଶୂଳିଆ ମଧ୍ୟରେ ମୋଟ ୨୦ଟି ରହଣି ସ୍ଥଳ ପାଇଁ ସ୍ଥାନ ନିର୍ଣ୍ଣୟ ହୋଇଛି। ଏହା ସହିତ ମେଟ୍ରୋ ପ୍ରକଳ୍ପର କାର୍ଯ୍ୟକୁ ଆସନ୍ତା ୪ବର୍ଷ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ମେଟ୍ରୋ ପ୍ରକଳ୍ପର କାର୍ଯ୍ୟ କିଭଳି ଦ୍ରୁତ ଗତିରେ ଆଗେଇବ ସେନେଇ ଦିନ ରାତି ଏକ କରି ଭୁବନେଶ୍ୱରଠୁ ଆରମ୍ଭ କରି ତ୍ରିଶୂଳିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପହଞ୍ଚି ସେଠାରେ ସ୍ଥିତି ସମୀକ୍ଷା କରିଛନ୍ତି ଆମ ଓଡ଼ିଶା-ନବୀନ ଓଡ଼ିଶା ତଥା ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ। ବାରଙ୍ଗ ଅଞ୍ଚଳକୁ କେବଳ ମେଟ୍ରୋ ଟ୍ରେନ ଗଡ଼ିବ ତାହା ନୁହେଁ ବରଂ ମେଟ୍ରୋ ଟ୍ରେନ ସହିତ ମେଟ୍ରୋ ଟ୍ରେନ ପାଇଁ ବାରଙ୍ଗରେ ମଧ୍ୟ ତିଆରି ହେବ ଷ୍ଟକୟାଡ଼ ଓ ରିପ୍ୟାରିଂ ୟାଡ଼। ତେବେ ମେଟ୍ରୋ ଟ୍ରେନ ଭୁବନେଶ୍ୱରରୁ ତ୍ରିଶୂଳିଆ ଯାତାୟତ କରିବା ସମୟରେ ଯଦି କୌଣସି ଯାନ୍ତ୍ରିକ ତ୍ରୁଟି ହୁଏ କିମ୍ବା କୌଣସି ଅସୁବିଧା ହୁଏ ତାର ତୁରନ୍ତ ସମାଧାନ ସମାଧାନ ପାଇଁ ସହାୟକ ହେବ ଏହି ୱାର୍କସପ। ଏନେଇ ବାରଙ୍ଗ ରତାଗଡ଼ ଅଞ୍ଚଳରେ ୨୦ଏକର ଜମିର ସ୍ଥାନ ନିରୂପଣ କରାଯିବା ସହିତ ସେହି ସ୍ଥାନର ସର୍ଭେ ମଧ୍ୟ ଶେଷ ହୋଇଛି। ଏହି ସ୍ଥାନରେ ହିଁ ଐତିହାସିକ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ ପାଇଁ ସ୍ଥାନ ନିରୁପିତ ହୋଇଛି। ତେବେ ଭୁବନେଶ୍ୱରରୁ ତ୍ରିଶୂଳିଆ ମେଟ୍ରୋ ଟ୍ରେନ ଚାଲିବା ଦ୍ୱାରା କଟକ, ଭୁବନେଶ୍ୱର, ବାରଙ୍ଗ ସମେତ ବିଭିନ୍ନ ଅଞ୍ଚଳର ହଜାର ହଜାର ଲୋକେ ଉପକୃତ ହେବା ସହିତ ଗମନାଗମନର ସୁବିଧା ଆହୁରି ଅଧିକରୁ ଅଧିକ ବୃଦ୍ଧି ପାଇବା ସହ ଭୁବନେଶ୍ୱରରୁ ତ୍ରିଶୂଳିଆ ୧୦ ମିନିଟ୍‌ରେ ପହଞ୍ଚିବେ ଲୋକେ । ଯାହାକି ମେଟ୍ରୋ ଟ୍ରେନ ଯାତାୟାତ କରିବା ଦ୍ୱାରା କମ ସମୟ ମଧ୍ୟରେ ଅଧିକ କାର୍ଯ୍ୟ କରିପାରିବେ ଲୋକେ ।

ତେବେ ବାରଙ୍ଗ ଅଞ୍ଚଳରେ *(ପୃଷ୍ଠା ୭ରେ)*

## ଶୁଭେଚ୍ଛା

ଇଂରାଜୀ ନବବର୍ଷ ଉପଲକ୍ଷେ 'ସମ୍ବାଦ କଳିକା'ର ଅଗଣିତ ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ପରିଚାଳକ**

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଘାଟିରୁ ଓଲଟିଲା ପିକନିକ୍ ବସ୍ : ୩୫ ଆହତ, ୬ ଗୁରୁତର

**ଦିଗପହଣ୍ଡି, ୩୧।୧୨ : ନ୍ୟୁଜ୍ ବ୍ୟୁରୋ**

ତପ୍ତପାଣି ଘାଟିରେ ପିକନିକ୍ ବସ ଓଲଟି ୩୫ ଜଣ ଆହତ ହୋଇଛନ୍ତି । ଯାଜପୁରରୁ ପିକନିକ୍ ଯାଇଥିବା ଏକ ଘରୋଇ ବସ୍ ରିଜାନି ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡି ଓଲଟି ପଡିଥିଲା। ପିକନିକ ସାରି ଗଜପତି ଜିଲ୍ଲା ଜିରାଙ୍ଗରୁ ଫେରିବା ବେଳେ ପାଟପୁର ଥାନା ଅନ୍ତର୍ଗତ ତପ୍ତପାଣି ଘାଟିରେ ଏହି ଦୁର୍ଘଟଣା ଘଟିଛି। ଆହତ ମାନଙ୍କ ମଧ୍ୟରୁ ୬ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବା ଜଣାପଡିଛି। ଆହତମାନଙ୍କୁ ପ୍ରଥମେ ସ୍ଥାନୀୟ ଲୋକେ ଓ ପିକନିକରୁ ସେହି ବାଟ ଦେଇ ଫେରୁଥିବା ଅନ୍ୟ ଲୋକମାନେ ଉଦ୍ଧାର କରି



ହସ୍ପିଟାଲକୁ ପଠାଇଥିଲେ। ଏହି ବସ୍‌ରେ ୬୦ରୁ ଅଧିକ ପର୍ଯ୍ୟଟକ ଥିବା ଜଣାପଡିଛି ।

## ଏକାଳ ପଖାଳ




ବହୁତ ବହୁତ ସ୍ୱାଗତମ
ଆସ ଆସ ନୂଆବରଷ
ସଭିଙ୍କ ମନରେ ଭରିଦିଅ ତୁମେ
ତମାମ୍ ଖୁସିର ହରଷ
ଈଶ୍ୱର ହେ ଦିଅ ଆଶିଷ
ଭଲରେ ଭଲରେ କଟି ଯାଉ ସାଲ
ଦିଅ ଅମୃତ ପରଶ।

# ପୁଲିସ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଅରୁଣ ଷଡ଼ଙ୍ଗୀ



**ଭୁବନେଶ୍ୱର, ୩୧।୧୨**
**ନ୍ୟୁଜ୍ ବ୍ୟୁରୋ**

୧୯୯୦ ବ୍ୟାଚର ଆଇପିଏସ ଅଧିକାରୀ ଅରୁଣ ଷଡ଼ଙ୍ଗୀ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଭାବେ ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ଶ୍ରୀ ଷଡଙ୍ଗୀ। ବିଦାୟୀ ଡିଜିପି ସୁନୀଲ ବଂଶଲ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନିୟମିତ ଡିଜିପି ନିଯୁକ୍ତ ହେବା ପର୍ଯ୍ୟନ୍ତ ଶ୍ରୀ ଷଡଙ୍ଗୀ ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି । ବର୍ତ୍ତମାନ ସେ ବିଜୁ ପଟ୍ଟନାୟକ *(ପୃଷ୍ଠା ୭ରେ)*

# ବ୍ୟାନ୍ ହେଲା ତେହରିକ୍-ଏ-ହୁରିୟତ୍ ଆତଙ୍କବାଦୀ ସଂଗଠନ

**ନୂଆଦିଲ୍ଲୀ, ୩୧।୧୨**

ଜମ୍ମୁ-କଶ୍ମୀରର ବିଚ୍ଛିନ୍ନତାବାଦୀ ସଂଗଠନ ଗୁଡ଼ିକ ବିରୋଧରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସରକାର ରବିବାର ତେହେରିକ-ଏ-ହୁରିୟତକୁ ବେଆଇନ ସଂଗଠନ ଘୋଷଣା କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପ ସମ୍ପର୍କରେ ଟ୍ୱିଟ କରି ସୂଚନା ଦେଇଛନ୍ତି ଗୃହମନ୍ତ୍ରୀ ଅମିତ ଶାହ।

ଶ୍ରୀ ଶାହ ଏକ୍ସରେ କହିଛନ୍ତି, ତେହେରିକ-ଏ-ହୁରିୟତକୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଅଧୀନରେ ଏକ ବେଆଇନ ସଂଗଠନ ଘୋଷିତ କରାଯାଇଛି । ଜମ୍ମୁ-କଶ୍ମୀରକୁ ଭାରତରୁ ଅଲଗା କରିବା ଏବଂ ଇସଲାମିକ ଶାସନ ସ୍ଥାପନ ଭଳି ନିଷିଦ୍ଧ କାର୍ଯ୍ୟରେ ତେହେରିକ-ଏ-ହୁରିୟତ ସଂଗଠନ ଜଡିତ ଅଛି। ଏହି



ଗୋଷ୍ଠୀ ଭାରତ ବିରୋଧୀ ପ୍ରଚାର କରୁଛି ଏବଂ ଜମ୍ମୁ-କଶ୍ମୀରରେ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବା ପାଇଁ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ଆତଙ୍କବାଦ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୂନ୍ୟ ସହନଶୀଳ ନୀତି ଅନୁଯାୟୀ, ଭାରତ ବିରୋଧୀ କାର୍ଯ୍ୟକଳାପରେ ଜଡିତ ଯେକୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ଦମନ କରାଯିବ। ତେହେରିକ-ଏ-ହୁରିୟାତର ସୟଦ ଅଲି ଶାହା ଗିଲାନିଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ *(ପୃଷ୍ଠା ୭ରେ)*

# ରାଜ୍ୟ ଭିଜିଲାନ୍ସକୁ ବଡ଼ ସଫଳତା: ୧୬୬ ଗିରଫ, ୧୨୪ କୋଟି ଜବତ




**ଭୁବନେଶ୍ୱର, ୩୧।୧୨ : ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଭିଜିଲାନ୍ସ ବିଭାଗକୁ ଅନେକ ଅଭୂତପୂର୍ବ ସଫଳତା ମିଳିଛି। ଏହି ବର୍ଷରେ ୨୬୫ ଅପରାଧିକ ମାମଲା ପଞ୍ଜିକୃତ ହୋଇଥିବାବେଳେ ୧୬୬ ଅଫିସର ଓ ଅନ୍ୟାନ୍ୟ ଅଧିକାରୀ ଗିରଫ ହୋଇଛନ୍ତି। ୮୫ଟି ଆୟ ବହିର୍ଭୂତ ସମ୍ପତ୍ତି ମାମଲା ପଞ୍ଜିକୃତ ହୋଇଥିବାବେଳେ ୧୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଲାଞ୍ଚ ନେବା ବେଳେ ୯୮ଟି ଘଟଣା ଧରାଯାଇଛି। ୧୦୯ ଜଣ ସରକାରୀ ଅଧିକାରଙ୍କ ସମେତ ୧୨୩ ଜଣ ଧରା ପଡ଼ିଛନ୍ତି। ଭିଜିଲାନ୍ସ ଇତିହାସରେ ସର୍ବକାଳୀନ ୨ଟି ନଗଦ ଅର୍ଥ ଜବତ ମାମଲା ଏହି ବର୍ଷ ହୋଇଛି। ଲାଞ୍ଚ ନିଆଯାଉଥିବାବେଳେ ସର୍ବାଧିକ ୧୨ ଲକ୍ଷ ଟଙ୍କା ଜବତ ହୋଇଛି । ବେନାମୀ ଚେକରେ ୧୨ ଲକ୍ଷ ଟଙ୍କା ଲାଞ୍ଚ ନିଆଯାଉଥିବା ବେଳେ ଏହି କାରନାମା ଧରାପଡିଥିଲା ।

ଚଳିତବର୍ଷ ୫୮ ଜଣ ପ୍ରଥମ ଶ୍ରେଣୀ ଅଫିସରଙ୍କ ବିରୋଧରେ ମାମଲା ହୋଇଥିବା ବେଳେ ୨୬ ଜଣ ପ୍ରଥମ ଶ୍ରେଣୀ, ୩୨ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଗିରଫ ହୋଇଛନ୍ତି। ସେହିପରି ୮୫ ତୃତୀୟ ଶ୍ରେଣୀ, *(ପୃଷ୍ଠା ୭ରେ)*

DADLS-69




ନବବର୍ଷ – ୨୦୨୪ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0234/2324

DADLS-69





ନୂଆବର୍ଷ ୨୦୨୪ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ।

ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ । ୨୦୨୪ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧିର ବର୍ଷ ହେଉ ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0234/2324

DADLS-69




ଇଂରାଜୀ ନବବର୍ଷ–୨୦୨୪ ଅବସରରେ ରାଜ୍ୟର ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନବବର୍ଷ ଆପଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ନେଇଆସୁ ଏବଂ ଆପଣଙ୍କ ପ୍ରତିଟି ସ୍ୱପ୍ନ ଚରିତାର୍ଥ ହେଉ, ଏହା ହିଁ ମୋର ଆନ୍ତରିକ କାମନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0234/2324

ସମ୍ପାଦକୀୟ

29 YEARS
ସମ୍ବାଦ କଳିକା

# ପେଟ୍ରୋଲ, ଡିଜେଲ ଦର ୬ ଟଙ୍କା କମିପାରେ

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ସରକାରୀ ତେଲ କମ୍ପାନିଗୁଡ଼ିକ ଯଦିଓ ପ୍ରତିଦିନ ମୂଲ୍ୟ ସଂଶୋଧନର ଅଧିକାର ପାଇଛନ୍ତି କିନ୍ତୁ ଗତବର୍ଷ ଏପ୍ରିଲ ମାସରୁ ଦାମ୍ ସ୍ଥିର ରହିଛି। କିନ୍ତୁ ଆସନ୍ତାବର୍ଷର ସାଧାରଣ ନିର୍ବାଚନ ଦୃଷ୍ଟିରୁ କମ୍ପାନିଗୁଡ଼ିକ ଦର କମାଇବା ସମ୍ଭାବନା ଦେଖାଦେଇଛି। ତେବେ ତେଲ କମ୍ପାନିଗୁଡ଼ିକ ମୂଲ୍ୟରେ ଯେଉଁ ହ୍ରାସ କରିବେ ତାହା ସେତେ ଅଧିକ ହେବନାହିଁ। କାରଣ ସେମାନଙ୍କ ଲାଭକୁ ମାତ୍ରାଧିକ ପ୍ରଭାବିତ ହେବାକୁ ଦିଆଯିବ ନାହିଁ। ଗତ ୬ ମାସ ହେଲା ତେଲ କମ୍ପାନିଗୁଡ଼ିକ ଭଲ ଲାଭ କରୁଛନ୍ତି। ସଂପ୍ରତି କମ୍ପାନି ଗୁଡ଼ିକ ଡିଜେଲରେ ଲିଟର ପିଛା ୬ ଟଙ୍କା ଏବଂ ପେଟ୍ରୋଲରେ ୧୧ ଟଙ୍କା ଲାଭ କରୁଛନ୍ତି। ସାଧାରଣ ସମୟରେ କମ୍ପାନିଗୁଡ଼ିକ ଇନ୍ଧନରେ କରୁଥିବା ଲାଭକୁ ଦେଖିଲେ ସେମାନେ ଲିଟର ପିଛା ୪ରୁ ୬ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ କରିପାରନ୍ତି। ଏହାହେଲେ ସେମାନଙ୍କ ଲାଭ ସେତେଟା ପ୍ରଭାବିତ ହେବନାହିଁ ବୋଲି ଏମ୍‌କେ ଗ୍ଲୋବାଲର ମୁଖ୍ୟ ଅର୍ଥନୀତିଜ୍ଞ ମାଧବୀ ଆରୋରା କହିଛନ୍ତି।

ପୂର୍ବରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଇନ୍ଧନ ମୂଲ୍ୟ ଲିଟର ପିଛା ୪ରୁ ୬ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଏମ୍‌କେ ଗ୍ଲୋବାଲର ହିସାବ ଅନୁଯାୟୀ, ତୈଳ ବିପଣନ କମ୍ପାନିଗୁଡ଼ିକ ଯଦି ଉପରୋକ୍ତ ପରିମାଣର ଦାମ୍ ହ୍ରାସ କରନ୍ତି ତା'ହେଲେ ଡିଜେଲରେ ସେମାନଙ୍କର ଲାଭ ୨ ଟଙ୍କା ୬୦ ପଇସା ଏବଂ ପେଟ୍ରୋଲରେ ୫ ଟଙ୍କା ରହିବ। ଆରୋରାଙ୍କ କହିବାନୁଯାୟୀ ସରକାରଙ୍କ ରାଜସ୍ୱ ଆୟ ଭଲ ରହିଥିଲେ ମଧ୍ୟ ଅନ୍ୟ କାରଣରୁ ତେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ ସମ୍ଭାବନା ନାହିଁ। ତେଣୁ ଦାମରେ ଯେଉଁ ୪ରୁ ୬ ଟଙ୍କାର ହ୍ରାସ ହେବ ସେଥିରେ ଉତ୍ପାଦ ଶୁଳ୍କର ଅଂଶ ରହିବ ନାହିଁ। ତେବେ ଇନ୍ଧନ ମୂଲ୍ୟ ଯଦି ଲିଟର ପିଛା ୮ରୁ ୧୦ ଟଙ୍କା ହ୍ରାସ କରାଯାଏ ତା'ହେଲେ କମ୍ପାନିଗୁଡ଼ିକୁ କ୍ଷତି ସହିବାକୁ ପଡ଼ିପାରେ। ଦର ଯଦି ଲିଟର ପିଛା ୧୦ ଟଙ୍କା କମାଯାଏ ଏବଂ ସରକାର କିଛି ବୋଝ ବହନ ନକରନ୍ତି ତା'ହେଲେ କମ୍ପାନିଗୁଡ଼ିକୁ ଅଧିକ କ୍ଷତି ସହିବାକୁ ପଡ଼ିବ। ଲିଟର ପିଛା ଉତ୍ପାଦ ଶୁଳ୍କ ୧ ଟଙ୍କା ହ୍ରାସ କରାଗଲେ ସରକାରଙ୍କୁ ବାର୍ଷିକ ୧୫୫୦୦ରୁ ୧୬୦୦୦ କୋଟି ଟଙ୍କା ହରାଇବାକୁ ପଡ଼ିବ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ମାନବ ଚାଲାଣ ରୋକିବା ଆମପାଇଁ ଏକ ଆହ୍ୱାନ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ପୃଥିବୀ ପୃଷ୍ଠରେ ଘଟି ଯାଉଥିବା ଅନେକ ଅପରାଧ ମଧ୍ୟରେ ମାନବ ଚାଲାଣ ମଧ୍ୟ ଏକ ଅପରାଧ ବୋଲି ବିବେଚିତ ହୁଏ, ଏହି ପ୍ରକ୍ରିୟାରେ ପୁରୁଷ, ମହିଳା,ଯୁବକ, ନାବାଳକ ଶିଶୁ ମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ନିଯୁକ୍ତି ବାହାନାରେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରି ଶାରୀରିକ, ମାନସିକ ତଥା ଆର୍ଥିକ ଶୋଷଣ କରାଯାଏ। ଯେଉଁମାନେ ଲୋଭର ବଶବର୍ତ୍ତୀ ହୁଅନ୍ତି ନାହିଁ ସେମାନଙ୍କୁ ବଳ ପ୍ରୟୋଗ, ଭୟ ଦ୍ୱାରା, ତଥା ବ୍ଲାକ ମେଲ କରି ଲୁଚା ଛପାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲାଣ କରାଯାଏ, ଏହା ପଛରେ ଅପରାଧିକ ଉଦ୍ଦେଶ୍ୟ ରହିଥାଏ ।କ୍ରୀତ ଦାସ ସଦୃଶ ଏମାନେ ନିଜର ନିଜତ୍ୱ ଦଲାଲ ପାଖରେ ବିକି ଦେଇ ଥା'ନ୍ତି , କିଛି ସ୍ଥାନରେ ଏହି ପ୍ରକାର ଲୋକ ମାନେ ଦାଦନ ଶ୍ରମିକ, କ୍ରୀତ ଦାସ, ଯୌନ କର୍ମୀ , ସମୟ ଭିତ୍ତିକ ଠିକା ଶ୍ରମିକ ରୂପେ କାର୍ଯ୍ୟ କରନ୍ତି ଆଉ କିଛି ଉନ୍ନତ ଜୀବନ ଯାପନର ରଙ୍ଗୀନ ସ୍ୱପ୍ନରେ ବିଭୋର ହୋଇ ଦେଶାନ୍ତର ହେବା ଆଶାରେ ମାନବ ଚାଲାଣ କାରୀ ଗୋଷ୍ଠୀଙ୍କର କବଳରେ ପଡି ନିଜ ଭବିଷ୍ୟତକୁ ନିଜେ ଅନ୍ଧାର ଭିତରକୁ ଠେଲି ଦେବାକୁ ଆଗେଇ ଆସି ଥାନ୍ତି ...ଆଶାର ଆଲୋକ ଦେଖିବା ଆଗରୁ କିଛି ଆର ପାରିକୁ ଚାଲିଯାଇ ଥାନ୍ତି ତ' ଆଉ କିଛି, ବିଭିନ୍ନ ଦେଶର ଜେଲର କାଳ କୋଠରୀ ଭିତରେ ଅସହ୍ୟ କଷ୍ଟ ଭୋଗ କରି ନୀରବରେ ନିଜ ଲୋତକକୁ ନିଜେ ପିଇ ଯାଇ ଥା'ନ୍ତି, ଖୁବ୍ କମ ଭାଗ୍ୟବାନ ଶ୍ରମିକ ବା ମନୁଷ୍ୟ ମାନେ ମାନବ ଚାଲାଣକାରୀଙ୍କ ଠାରୁ କିଛି ସରକାରୀ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଉଦ୍ଧାର ପାଇ ଥା'ନ୍ତି । ଆଜି ପୃଥିବୀରେ ଅନେକ ଦେଶ ଅଛନ୍ତି ଯେଉଁଠାରେ କି ଭାରତୀୟ ବଂଶୋଦ୍ଭବ ମାନେ କ୍ରୀତ ଦାସ ଭାବେ ଯାଇ ସେଠାକାର ସ୍ଥାୟୀ ବାସିନ୍ଦା ପାଲଟି ଯାଇଛନ୍ତି, ଯେପରିକି ଫିଜି, ମରିସସ୍, ଗୁଏନା, ଗୁଏଟମାଲା, ସୁରିନାମ୍, କାନାଡ଼ା, ମାଲେସିଆ ଇତ୍ୟାଦି ଦେଶରେ ଭାରତୀୟ ସମ୍ପ୍ରଦାୟ ଦେଖିବାକୁ ମିଳନ୍ତି।

ଡିସେମ୍ବର ମାସ ୨୧ ତାରିଖ ୨୦୨୩ ମସିହାର କଥା ଏକ ଯାତ୍ରୀବାହୀ ବିମାନରେ ୩୦୩ ଜଣ ଭାରତୀୟ ନିକାରଗୁଆକୁ ମାନବ ଚାଲାଣ ହେଉଥିବା ସମୟରେ ଫ୍ରାନ୍ସର ଏକ ଛୋଟ ବିମାନ ବନ୍ଦରଠାରେ ଅଟକ ଥିଲେ, ସଂବାଦରୁ ଜଣାଯାଏ ଯେ, ଦୁବାଇରୁ କେହିଜଣେ ଅଜଣା ବ୍ୟକ୍ତି ରୁମାନିଆ ଦେଶର ଲିଜାଣ୍ଡ ଏଆର୍ ଲାଇନ୍ସର ଏକ ବିମାନକୁ ଭଡାରେ ଆଣି ୩୦୩ ଜଣ ଭାରତୀୟଙ୍କୁ ଦୁବାଇ ଠାରୁ ନେଇ ନିକାରଗୁଆ ଦେଶର ମନାଗୁଆ ସହର ଅଭିମୁଖେ ଉଡାଣ ଆରମ୍ଭ କରିଥିଲା , ଦୀର୍ଘ ୮୭୭୮ କିଲୋମିଟର ଆକାଶ ପଥରେ ଏହାର ଉଡାଣ ମାର୍ଗ ନିର୍ଦ୍ଧାରିତ ହୋଇଥିଲା । ବିମାନଟି ଇନ୍ଧନ ଭରିବାକୁ ଯେତେବେଳେ ଫ୍ରାନ୍ସ ଦେଶର ବିମାନ ବନ୍ଦରରେ ଓଲହାଇ ବାକୁ ଚେଷ୍ଟା କଲା ଫ୍ରାନ୍ସ ସରକାର ପ୍ରଥମେ ଅନୁମତି ଦେଇ ନ'ଥିଲେ ଏବଂ ପରବର୍ତ୍ତୀ ସମୟରେ ଯାତ୍ରୀ ମାନଙ୍କ ଜୀବନ ରକ୍ଷା ପାଇଁ ପ୍ୟାରିସ୍ ସହରଠାରୁ ପୂର୍ବ ଦିଗରେ ୧୫୦ କିଲୋମିଟର ଦୂର 'ବେରଟି' ବିମାନ ବନ୍ଦରରେ ବିମାନଟିକୁ ଓଲହାଇବାକୁ ଅନୁମତି ମିଳିଥିଲା । ଫ୍ରାନ୍ସ ସରକାର ବିମାନ ବିଷୟରେ କିଛି ଗୁପ୍ତ ତଥ୍ୟ ପାଇଥିଲେ ତେଣୁ ବିମାନରେ ଇନ୍ଧନ ଭରିବା ପରେ ମଧ୍ୟ ବିମାନକୁ ନିଜ ଗନ୍ତବ୍ୟ ପଥରେ ଯିବାକୁ ଅନୁମତି କର୍ତ୍ତୃପକ୍ଷ ଦେଇ ନ'ଥିଲେ , ତେବେ ଏହି ଗୁପ୍ତ ତଥ୍ୟ କଣ ଥିଲା? ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା କି ଉକ୍ତ ବିମାନରେ ୩୦୩ ଜଣ ଭାରତୀୟ ଅଛନ୍ତି ତନ୍ମଧ୍ୟରୁ କିଛି ନାବାଳକ ଯାତ୍ରୀ ଅଛନ୍ତି ଯେଉଁମାନେ କି ପରିବାର ଛଡା ଏକା ଯାତ୍ରା କରୁଛନ୍ତି । ଫ୍ରାନ୍ସ ସରକାର ଏହା ମାନବ ଚାଲାଣ ଛଡା ଆଉ କିଛି ନୁହେଁ ବୋଲି ହୃଦ୍‌ବୋଧ କରିଥିଲେ, ତେଣୁ ଚାରିଦିନ ଧରି ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଲା।

ଅନୁସନ୍ଧାନ କଣ ହେଲା ତାହା ତ' ଫ୍ରାନ୍ସ ସରକାର ଗୋପନ ରଖିଲେ କିନ୍ତୁ ସେହି ବିମାନରେ ୩୦୩ ଜଣ ଯାତ୍ରୀଙ୍କ ସ୍ଥାନରେ ୨୭୬ ଜଣ ଯାତ୍ରୀଙ୍କୁ ବସାଇ ଭାରତ ପଠାଇବାକୁ ସରକାରୀ ସ୍ତରରେ ଅନୁମତି ନେଇଥିଲେ । ଶେଷରେ ବିମାନଟି ୨୭୬ ଜଣ ଯାତ୍ରୀଙ୍କୁ ଧରି ସୁରୁଖୁରୁରେ ମୁମ୍ବାଇର ଛତ୍ରପତି ଶିବାଜୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ଓହ୍ଲାଇଲା। ତେବେ ପ୍ରଶ୍ନ ଉଠୁଛି ଯେ ୩୦୩ ଯାତ୍ରୀଙ୍କ ମଧ୍ୟରୁ ୨୭୬ ଫେରିଲେ ବାକି ଯାତ୍ରୀ କୁଆଡେ ଗଲେ ? ଏହାର ସଠିକ ଉତ୍ତର କିଏ ଦେବେ? କିଛି ବିମାନ ଯାତ୍ରୀ ଫ୍ରାନ୍ସ ଦେଶରେ ଶରଣାର୍ଥୀ ଭାବେ ରହିବାର ଅନୁମତି ପାଇବା ଅପେକ୍ଷାରେ ଅଛନ୍ତି , କିନ୍ତୁ କାହିଁକି ? ସେମାନେ କ'ଣ ଭାରତରେ ରହିବାକୁ ଉଚିତ ମଣିଲେ ନାହିଁ ? ନା' କୌଣସି ଅପରାଧିକ ମାମଲାରେ ଛନ୍ଦି ହୋଇ ଗଳା ବାଟଦେଇ ଦୁବାଇ ଯାଇ ସେଠାରୁ ନିକାରଗୁଆ ଯାଇ ଥା'ନ୍ତେ ? ଏହା ଏକ ଜଟିଳ ପ୍ରଶ୍ନ ଏବଂ ଭାରତର ସାର୍ବଭୌମତ୍ୱ / ନିରାପତ୍ତା ଉପରେ ଆଞ୍ଚ ଆସିବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନ' ପାରେ । କିଛି କରିତ୍ କର୍ମା ଦଲାଲ ଗଳାବାଟ ଦେଇ ସମୁଦ୍ର ପଥରେ ଦୁବାଇ ତଥା ଅନ୍ୟ ମଧ୍ୟ-ପ୍ରାଚ୍ୟ ଦେଶକୁ ମାନବ ଚାଲାଣ କରୁଛନ୍ତି ଏମାନଙ୍କ ହାତ ଖୁବ ଲମ୍ବା, ଏମାନଙ୍କର ଚେର ସବୁ ଦେଶରେ ମାଡି ଯାଇଛି , ଏମାନେ ଏହି ଉପାୟରେ କୋଟି କୋଟି ଟଙ୍କା ଉପାର୍ଜନ କରନ୍ତି । ମାଛ ଧାରା ଡଙ୍ଗାରେ ଲୁଚି ଛପି ଗଭୀର ସମୁଦ୍ରକୁ ଯାଇ ସେଠାରୁ ପଣ୍ୟବାହୀ ଜାହାଜର କଣ୍ଟେନର୍ ଭିତରେ ଲୁଚି ଛପି ତାଙ୍କର ନିର୍ଦ୍ଧାରିତ ସ୍ଥାନକୁ ଯାଇ ପାରୁଛନ୍ତି ଏହି କାର୍ଯ୍ୟରେ କିଛି ଅସାଧୁ ସରକାରୀ କର୍ମଚାରୀଙ୍କର ହାତ ଥିବା ପରି ହୃଦ୍‌ବୋଧ ହୁଏ । ହୁଏତ ଏହି ଉପାୟରେ ଉକ୍ତ ୩୦୩ ଜଣ ଭାରତରୁ ଦୁବାଇ ପହଞ୍ଚି ସେଠାରୁ ନକଲି କାଗଜପତ୍ର ଦ୍ୱାରା ଦୁବାଇ ଆନ୍ତର୍ଜାତିକ ବିମାନ ବନ୍ଦରରୁ ନିକାରଗୁଆ ଅଭିମୁଖେ ଯାଉଥିଲେ, ଏଥିପାଇଁ ରୁମାନିଆ ଦେଶର ଏକ ଏଆର୍ ବସ୍ ୩୪୦ ବିମାନକୁ ଭଡା ସୂତ୍ରରେ ଅଣା ଯାଇଥିଲା । ଏଆର୍ ବସ୍ ୩୪୦ ବିମାନକୁ ଭଡା ସୂତ୍ରରେ ଆଣିଥିବା ବ୍ୟକ୍ତିଙ୍କର ନାମ ଏପର୍ଯ୍ୟନ୍ତ ଜଣା ପଡି ନାହିଁ, ହୁଏତ ଆଗକୁ ଜଣା ପଡିବ ବା ସର୍ବ ସାଧାରଣଙ୍କ ପାଇଁ ଗୋପନ ରହିଯିବ ତାହା ସମୟ କହିବ ।

ଗୁଜୁରାଟ ସରକାରଙ୍କ ଗୁଇନ୍ଦା ବିଭାଗ ତଥା ଭାରତ ସରକାରଙ୍କ ନିରାପତ୍ତା ସଂସ୍ଥା ଏହାର ତଦନ୍ତ କରୁଛନ୍ତି , ତେବେ ଏହା ପଛରେ କାହାର ହାତ ଅଛି ତାହା ଜାଣିବା ଏବଂ ଉଦ୍ଦେଶ୍ୟ କ'ଣ ତାହା ଜାଣିବା ଜରୁରୀ ହୋଇ ପଡିଛି । ଏହି ୩୦୩ ଜଣ ଯାତ୍ରୀ ନିକାରଗୁଆ ଯାଇ ସେଠାରୁ ମଧ୍ୟ-ଆମେରିକା ଯାଇ ଥା'ନ୍ତେ ଏବଂ ସେଠାରୁ ସେମାନେ କଳେ ବଳେ କୌଶଳେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ମେକ୍ସିକୋ ଇତ୍ୟାଦି ଦେଶକୁ ସ୍ଥାନାନ୍ତରିତ ହେବାର ସମ୍ଭାବନା କୁ ଏଡାଇ ଯାଇ ହେବ ନାହିଁ । ଭାରତୀୟ ତଟରକ୍ଷୀ ବାହିନୀ ଯେତେ କଡା କଡ଼ି ଯାଞ୍ଚ କଲେ ମଧ୍ୟ ସମୁଦ୍ର ମଧ୍ୟ ଦେଇ ଏହି ପରି ଅପରାଧିକ କାର୍ଯ୍ୟ କଳାପକୁ ଶତ ପ୍ରତିଶତ ରୋକା ଯାଇ ପାରୁନାହିଁ । ଦେଶର ସୁରକ୍ଷା ଉପରେ ଆଦୌ ଆଞ୍ଚ ଆଣିବାକୁ ଦିଆଯିବା ଉଚିତ ନୁହେଁ, ତଦନ୍ତକାରୀ ସଂସ୍ଥା ନିଶ୍ଚିତ ଭାବେ ଅପରାଧୀକୁ ଚିହ୍ନଟ କରିବେ ଏବଂ ତାଙ୍କୁ କଠୋରରୁ କଠୋର ଦଣ୍ଡ ବ୍ୟବସ୍ଥା ହେଲେ ଭବିଷ୍ୟତରେ ଆଉ ଏପରି ଅପରାଧ କରିବାକୁ ଅପରାଧୀ ସାହସ କରିବ ନାହିଁ ବୋଲି ଆଶା କରାଯାଏ ।

ମୁମ୍ବାଇରେ ପହଞ୍ଚି ଥିବା ୨୭୬ ଜଣ ଯାତ୍ରୀ ମିଡ଼ିଆ କୁ କିଛି କହି ନ'ଥିଲେ , ସାମ୍ବାଦିକ ମାନେ ଅନେକ ଚେଷ୍ଟା କରି ମଧ୍ୟ ନିରାଶ ହୋଇ ଥିଲେ ଏହାର କାରଣ କଣ ହୋଇପାରେ ? ହୁଏତ ଅନୈତିକ ଉପାୟରେ ଯାତ୍ରା କରି ଧରା ହୋଇ ପୁଣି ଭାରତ ଫେରିବାର କ୍ଷୋଭ ବା କାହାର ଧମକର ଶିକାର ହୋଇଛନ୍ତି ଏହି ଯାତ୍ରୀମାନେ ତାହା ବୁଝିବା ମୁସ୍କିଲ ହୋଇ ପଡିଛି । ଯଦି ଅତୀତକୁ ଟିକେ ନଜର ପକାଇବା ତେବେ ଜାଣିବା ଯେ, ୨୦୧୨ ମସିହାରେ ୩,୫୫୪ ଜଣ, ୨୦୧୩ ମସିହାରେ ୩,୯୪୦ ଜଣ, ୨୦୧୪ ମସିହାରେ ୫,୨୩୫ ଜଣ, ୨୦୧୫ ମସିହାରେ ୭,୧୪୩ ଜଣ, ୨୦୧୬ ମସିହାରେ ୮,୧୩୨ ଟି ମାନବ ଚାଲାଣ ଅପରାଧ ନଜରକୁ ଆସିଥିଲା ଏବଂ ସମସ୍ତଙ୍କୁ ଉଦ୍ଧାର କରା ଯାଇଥିଲା । ଲୋକସଭାରେ ଗତ ୧୭/୦୩/୨୦୨୩ ତାରିଖ ଦିନ ମାନ୍ୟବର ସାଂସଦ ଶ୍ରୀମତୀ ଚିନ୍ତା ଅନୁରାଧାଙ୍କ ମାନବ ଚାଲାଣ ଉପରେ ପ୍ରଶ୍ନ ଉପରେ ଉତ୍ତରରେ ଏହିପରି ଥିଲା ଯେ, ସରକାରୀ ଭାବେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ରିପୋର୍ଟ୍ ଅନୁଯାଇ ୨୦୧୯ ମସିହାରେ ମାନବ ଚାଲାଣ ସରକାରୀ ଭାବେ ୨୨୦୮ ଲିପିବଦ୍ଧ ହୋଇଛି, ୨୦୨୦ ମସିହାରେ ୧୭୧୪ ଜଣ, ୨୦୨୧ ମସିହାରେ ୨୧୮୯ ଜଣ ଲିପିବଦ୍ଧ ହୋଇଛି । ମାନବ ଚାଲାଣ ରୋକିବା ଆମ ପାଇଁ ଏକ ଆହ୍ୱାନ ହୋଇଛି, ସର୍ବସାଧାରଣ ତଥା ସରକାର ଅନ୍ତରରୁ ଚାହିଁଲେ ମାନବ ଚାଲାଣକୁ ଅନେକାଂଶରେ ରୋକା ଯାଇ ପାରିବ, ଦଲାଲ ଏବଂ ତାଙ୍କ ପଛରେ ଥିବା କ୍ଷମତା ସୀନ ବ୍ୟକ୍ତିଙ୍କୁ ଆଇନ ଅନୁଯାଇ କାଠ ଗଡ଼ାକୁ ଆଣି ଉପଯୁକ୍ତ ଶାସ୍ତି ଦେବାକୁ ହେବ ନଚେତ ଏହି ପ୍ରକ୍ରିୟା ଆଗକୁ ମଧ୍ୟ ଚାଲୁଥିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

# ମାଧବୀ ହେଲେ ମୀରାବାଈ




ଅରୁଣ କୁମାର ତ୍ରିପାଠୀ
ପାରାବେଡ଼ା, ଜୟପୁର (କୋ)
ମୋ: ୯୦୭୮୮୩୮୬୨୭

ମୀରାବାଈଙ୍କ ପୂର୍ବ ଜନ୍ମର ନାମଥିଲା ମାଧବୀ। ଯଦିଓ ସେ ଭିନ୍ନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ, କିନ୍ତୁ ସଂଯୋଗରୁ ତାଙ୍କ ବିବାହ ଗୋପାଳ ବାଳକଙ୍କ ମଧ୍ୟରୁ ଅନ୍ୟତମ ସୁନ୍ଦରଙ୍କ ସହ ହୋଇଥିଲା । ଯେ କେହି କୃଷ୍ଣଙ୍କୁ ଥରେ ଦେଖିଦେଲେ ତାଙ୍କ ଭିତରେ ହଜି ଯାଉଥିବାରୁ ତାଙ୍କ ମାତା ଶ୍ରୀକୃଷ୍ଣଙ୍କୁ ଜମା ନଅନେଇବାକୁ ଆଦେଶ ଦେଇଥିଲେ । ସେ ଜାଣିନଥିଲେ ଯେ ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ । ପାଲିଙ୍କିରେ ବୋହୂ ଆସୁଛି, ପାର୍ଶ୍ୱରେ ଗାଈ ଚରେଇବାକୁ ଯାଇଥିବା ଶ୍ରୀକୃଷ୍ଣ ଆଗ୍ରହ ସହକାରେ ସୁନ୍ଦରଙ୍କୁ ଯାଇ ପୁଛିଲେ, ବାହାତ ହେଇଗଲ, ବୋହୂ କାହିଁ ? ସୁନ୍ଦରଙ୍କ ବୟସ ସେହି ସମୟରେ ୧୬ ହେଇଥିବା ସ୍ଥଳେ ଶ୍ରୀକୃଷ୍ଣ ଜମାରୁ ସାଢେ ସାତବର୍ଷର ଛୁଆ । ସେପଟୁ ଉତ୍ତର ମିଳିଲା, ତୋର ତ ଭାଉଜ ହେବ, ଯା ନିଜେ ଦେଖିଯା । ଶ୍ରୀକୃଷ୍ଣ ପାଲିଙ୍କି ବେଢଣ ଖୋଲିବା ଅବସର ପୂର୍ବରୁ ମାଧବୀ ନିଜର ମୁଖ ପଦ ସବୁ ଢାଙ୍କିନେଲେ । ଶ୍ରୀକୃଷ୍ଣ ବଡ଼ ଆଦର ସହକରେ କହୁଥା'ନ୍ତି, ଭାଉଜ ମୁହଁ ତ ଦେଖାନ୍ତୁ, କିନ୍ତୁ ମା' ଙ୍କ ଆଦେଶରେ ବିବଶ ମାଧବୀ । ତିନିଚାରିଥର କହି ଶ୍ରୀକୃଷ୍ଣ ସେଠାରୁ ଚାଲିଯିବାକୁ ଅଗ୍ରସର ହେଇ କହିଗଲେ, ଭାଉଜ ଯେଉଁ ମୁଖଦର୍ଶନରୁ ମୋତେ ବଞ୍ଚିତ କରିଛ, ଆଜୀବନ ମୋ ମୁଖ ଦର୍ଶନ ନିମିତ୍ତ ସେୟା ଆତୁର ହେବେ । କଥାକିଛି ଦିନ ବିତିଗଲା । ଯେବେବି ଗ୍ରାମର କୌଣସ କାର୍ଯ୍ୟ ଅବା ଉତ୍ସବ ମାନଙ୍କରେ ଶ୍ରୀକୃଷ୍ଣଙ୍କ ସମୀପରେ ଆସିବାକୁ ହୁଏ, ମାଧବୀ ନିଜ ମୁଖ ଘୋଡେଇ ଦେଉଥିଲେ । ସୁନ୍ଦର ଶ୍ରୀକୃଷ୍ଣ କଥା କହିବା ବେଳେ ମଧ ସେ ଅଣଦେଖା ଅଣଶୁଣା କରିଦେଉଥିଲେ । ମାଧବୀ ଦେଖିବାକୁ ବହୁତ ସୁନ୍ଦର ଥିଲେ, ଏକଦା ତାଙ୍କ ଶାଶୁ ଯଶୋଦାଙ୍କ ଠାରୁ ଆଶୀର୍ବାଦ ଦେବା ସକାଶେ ନନ୍ଦ ଭବନ ନେଇଗଲେ । ସେମାନେ ବସିଛନ୍ତି, ଇତ୍ୟବସରରେ ମାଦଳସା ଚାଲିରେ ଆସି ଶ୍ରୀକୃଷ୍ଣ ମାତାଙ୍କୁ ଭୋକ ଲାଗୁଥିବା କଥା ଅଳିକଲେ । ଏବଂ ପଚାରିଲେ ଇଏ କାହା ବୋହୂ । ସୁନ୍ଦରଙ୍କ ବୋହୂ କଥା ଶୁଣି ଭଗବାନ ସେଉଠୁ ଦଉଡ଼ି ପଳେଇଲେ , କାରଣ ସେ କହିଥିଲେ ମୁଁ ତୁମ ମୁଖ ଆଉ ଦେଖିବିନି । ଏମିତି କିଛିକାଳ ଚାଲିଗଲା । ଶ୍ରୀକୃଷ୍ଣଙ୍କ ଉପରେ କୋପ କରି ଇନ୍ଦ୍ର ଗୋପପୁରରେ ମୂଷଳଧାର ବର୍ଷା କରେଇଲେ । ବନ୍ୟା ପ୍ଲାବିତ ହେଇଯିବାରୁ ଉଚ୍ଚସ୍ଥାନରେ ଥିବା ଗୋବର୍ଦ୍ଧନ ଗିରିଙ୍କୁ ଭଗବାନ ନିଜ କନିଷ୍ଠାଙ୍ଗୁଳି ସହକାରେ ଉଠେଇ ରଖିଲେ ଏବଂ ତାହାତଳେ ସମଗ୍ର ଗୋପପୂର ଆଶ୍ରୟ ନେଲେ । ସେହି ସମୟରେ ପ୍ରାୟତଃ ସଞ୍ଜ ହେଇଆସିଥାଏ, ମାଧବୀ ଭାବୁଥାନ୍ତି କିଏ ଏହି ମହାନ ସୃଷ୍ଟି, କିନ୍ତୁ ଅନ୍ଧାର ଯୋଗୁଁ ସେ ଦେଖିପାରୁ ନଥାନ୍ତି । ସାରାରାତି ମାଧବୀ ସେହି ଦିବ୍ୟ ପୁରୁଷଙ୍କ ଦର୍ଶନ ନିମିତ୍ତ ବ୍ୟାକୁଳ ହେଉଥା'ନ୍ତି । ସିନ୍ଦୁରା ବିସ୍ତାରିତ ହେଲା, ସୂର୍ଯ୍ୟଙ୍କ ପହିଲି କିରଣ ପଡ଼ିବା କ୍ଷଣୀ ମାଧବୀ ନଜର ବୁଲେଇ ଦେଖିବାକୁ ଉଦ୍ୟମ କଲେ କିଏ ସେହି ପୁରୁଷୋତ୍ତମ ! ଗହଳି ମଧ୍ୟରେ ନଜର ବୁଲି ବୁଲି ଯାଇ ଦେଖିଲେ ଭଗବାନଙ୍କ କନିଷ୍ଠାଙ୍ଗୁଳି । ବଡ଼ ସୁନ୍ଦର ଅଙ୍ଗୁଳି , ତା ତଳେ ଚମତ୍କାରୀ ହସ୍ତ, ହାତର ତଳକୁ ଦୃଷ୍ଟ ପଡ଼ିବାରୁ ସେଇଠି ହିଁ ଭଗବାନଙ୍କ ଦିବ୍ୟ ମୁଖମଣ୍ଡଳ ଶୋଭାପାଉଥିଲା । ଯେଉଁ ମାଧବୀ ଆଜି ପ୍ରଥମଥର ଭଗବାନଙ୍କୁ ଦେଖିଲେ, ତାଙ୍କର ସୁନ୍ଦର ହସ, ତାଙ୍କର କମନୀୟ ଚକ୍ଷୁ, ଘୁଙ୍ଗୁରକାୟ କେଶ ଦେଖି ଜାଣିଗଲେ, ଇଏ ପୁରୁଷ ନୁହନ୍ତି ଭଗବାନ । ସେଠି ସେ କାନ୍ଦିବାକୁ ଲାଗିଲେ, ହେ ମୋ ମାତା ; ତୁମେ ମୋତେ କେଉଁ ନିକୃଷ୍ଟ ଶିକ୍ଷା ଦେଇଦେଲ ! ସେଦିନ ହିଁ ମୁଁ ତାଙ୍କୁ କାହିଁ ଦର୍ଶନ ନକରିଲି, ଯେଉଁଦିନ ସେ ମୋତେ ଭାଉଜ ଭାଉଜ କହି ସମ୍ବୋଧନ କରୁଥିଲେ । ଏତେ ଦିନ ଧରି କାହିଁ ମୁଁ ଏହି ସୁନ୍ଦର ଛବିରୁ ବଞ୍ଚିତ ରହିଲି । ତୁମେ କାହିଁକି ଏତେ ବଡ଼ ଅପରାଧ କରିଲ । ସେ ଅଶ୍ରୁପାତ କଲେ, ଭଗବାନଙ୍କ ଚରଣରେ ନିଜର ଅପରାଧ ନିମିତ୍ତ କ୍ଷମାପ୍ରାର୍ଥନା କରି ବିସ୍ତାପି ହେବାକୁ ଲାଗିଲେ । ସେପଟେ ଭଗବାନ ସାତଦିନ ସାତରାତି ଧରି ଉପବାସ ଆଉ ଏପଟେ ବିସ୍ତାପିତ ମାଧବୀ । ମାଧବୀଙ୍କ ମାତାଭଳି କିଛିଜଣ ଆମକୁ ଏହିଭଳି ଭଗବାନ ନଥିବାର ପାଠ ପଢେଇ ଧର୍ମରୁ ବିଚ୍ୟୁତ କରାନ୍ତି । ଭଗବାନଙ୍କ ଆଖିରେ ନଜର ମିଳିବାରୁ ତାଙ୍କୁ ହୃଦୟରେ ବସେଇ ମାଧବୀ ୫୬ ପ୍ରହର ଏଇମିତି ବିତେଇଦେଲେ । ଇନ୍ଦ୍ର ଆସିଲେ, ଭଗବାନଙ୍କୁ କ୍ଷମା ପ୍ରାର୍ଥନା କଲେ । ଗିରି ଗୋବର୍ଦ୍ଧନଙ୍କୁ ଭଗବାନ ଯେଉଁଠୁ ଉଠେଇ ଆଣିଥିଲେ, ସେଠି ପୁନଃ ସ୍ଥାପନା କଲେ । ମାଧବୀ ମାଧବଙ୍କ ଚରଣରେ ପଡ଼ି ଯାଇ ନିଜର ଭୂଲ ନିମିତ୍ତ କ୍ଷମାପ୍ରାର୍ଥନା କଲେ । ମୋତେ କ୍ଷମା କରିଦିଅ, ମୋତେ କ୍ଷମା କରିଦିଅ ଉଚ୍ଚାରଣ ସହକାରେ । ଭଗବାନ କିଛିକ୍ଷଣ ନୀରବ ରହିଲେ । ସେଦିନ ତୁମେ କିଛି ପ୍ରତ୍ୟୁତ୍ତର ଦେଇନଥିଲ, ଆଜି ମୁଁ ନୀରବ । କିନ୍ତୁ ଭଗବାନ ଦୟାଶୀଳ, ସେ ମାଧବୀଙ୍କୁ ଶେଷରେ ଉଠେଇଲେ, ହସିକି କହିଲେ, ହେ ଭାଉଜ ! କାହିଁକି କାନ୍ଦୁଛନ୍ତି । ପ୍ରଭୁ ମୋତେ ଏଥର ସ୍ୱୀକାର କରିଦିଅନ୍ତୁ , ମୋତେ ତ୍ୟାଗ କରନ୍ତୁନି, ମାଧବୀ ଅନୁନୟ ବିନୟ ହେଲେ । ସେପଟୁ ଉତ୍ତର ଆସିଲା, ମୋର କୌଣସି ଦ୍ୱେଷ ନାହିଁ, ଅନ୍ୟମାନଙ୍କ ଭଳି ତୁମେ ମଧ କୃପାପ୍ରାପ୍ତ ହେବ, କିନ୍ତୁ ମୁଁ କୌଣସି ଲୀଳାରେ ତୁମକୁ ସମ୍ମିଳିତ କରିବି ନାହିଁ । ନା ରାସରେ ମିଶେଇଲେ, ନା ତାଙ୍କ ଘରକୁ ଲହୁଣୀ ଚୋରେଇବାକୁ ଆସିଲେ । କିଛି କାଳରେ ଶ୍ରୀକୃଷ୍ଣ ଗୋପପୁର ଛାଡ଼ି ମଥୁରା ଗମନ କଲେ । ମାଧବୀ ଏକଥା ସନ୍ଦିକ୍ଷଣ କରି ଭୂମିରେ ପତିତ ହେଲେ । ଗୋପୀଗଣ ବୁଝଉଥା'ନ୍ତି, ହେ ମାଧବୀ! ଶ୍ରୀକୃଷ୍ଣ କ'ଣ ତୁମକୁ କେବଳ ଛାଡ଼ିକି ଗଲେ, ସାରା ଗୋପପୁରରେ ଆଜି ଅବିରତ ଅଶ୍ରୁଧାରା । ମାଧବୀ ବାହୁନି ବାହୁନି କହିଲେ, ତୁମେ ସମସ୍ତେ ତାଙ୍କୁ ଥରେ ଧରିଥିଲ, ସେ ତୁମକୁ ଛାଡ଼ିଚାଲିଗଲେ,ମୁଁ ତାଙ୍କ ସ୍ପର୍ଶ ଟିକିଏ ବି ପାଇ ନାହିଁ କିନ୍ତୁ ଆଜି ଚିରକାଳ ପାଇଁ ମୁଁ ସେ ଦିବ୍ୟସୁଖରୁ ବଞ୍ଚିତ ହେଲି । ଆମ୍ଭ ଦୁଃଖ ତୁମ୍ଭଠାରୁ ବହୁଗୁଣା । ମାଧବୀ ନିଜକୁ କ୍ଷମା କରିପାରୁନଥିଲେ । ତ୍ରେତୟାରେ କପି, ଦ୍ୱାପର ରେ ଗୋପୀ ଏବଂ କଳିରେ ଦଇତା ପତି ନାମରେ ସେହି ସାଧକ ଗଣ ଭଗବାନଙ୍କ ସାନ୍ନିଧ ଲାଭ କରିଛନ୍ତି, ଯେଉଁମାନେ ଅନେକ ବର୍ଷଧରି ତପସ୍ୟା କରିଥିଲେ । ମାଧବୀ ନୟାନ୍ତ ହେଇ ଚିତ୍କାର କଲେ, ହେ ବିଧାତା ଏମିତି ଜ୍ଞାନରେ ନିଆଁ ଲାଗୁ ଯାହା ଭଗବାନଙ୍କ ଠାରୁ ଦୂରେଇଦିଏ, ଏମିତି ମା' ର ଉପଦେଶରେ ନିଆଁ ଲାଗୁ ଯାହା ସନ୍ତାନଙ୍କୁ ବିଭୁପ୍ରେମରୁ ବଞ୍ଚିତ ରଖେ, ଏମିତି ପରଦାରେ ନିଆଁ ଲାଗୁ ଯାହା ବିଶ୍ୱନିୟନ୍ତାଙ୍କୁ ଦର୍ଶନରେ ବାଧକ ସାଜେ । ସେଠି ହିଁ ସେ ନିଜ ପ୍ରାଣ ତ୍ୟାଗ କରିଦେଲେ । ସେହି ମାଧବୀ କଳିଯୁଗରେ ମୀରାବାଈ ହେଇ ଜନ୍ମଲାଭ କଲେ। ସେହି ମୀରା ଯେବେ ବୃନ୍ଦାବନକୁ ଆସିଲେ ତାଙ୍କୁ ନିଜର ପୂର୍ବ ଜନ୍ମର ପ୍ରତିଟି ଘଟଣାମାନ ହେତୁ ପଡ଼ିଗଲା । ସେ ଲାଜ ତ୍ୟାଗ କରି ଆଉ ଓଢଣୀ ଦେଲେ ନାହିଁ, ହେ ଭଗବାନ ମୋତେ ସ୍ୱୀକାର କରନ୍ତୁ କହି ସାରା ଜୀବନ ତାଙ୍କ ନାମ ସ୍ମରଣ କରି ସେ ରହିଗଲେ । ଗିରିଧର ଗୋପାଳ ନାମର ମୋହାବିଷ୍ଟ ସେ ସମସ୍ତ ଜନତାଙ୍କୁ ଦର୍ଶନ କରେଇବାକୁ ଲାଗିଲେ । ସଂସାର ଦୁଃଖକୁ ତରିବାର ସେ ଏକା ମାଧ୍ୟମ । ଏହଭଳି ଜୀବନ ବ୍ୟତୀତ କରି ସେ ପହଁଚିଗଲେ ଦ୍ୱାରିକାରେ। ତାଙ୍କ ପ୍ରେମାଭକ୍ତିରେ ଦ୍ୱାରିକାଧିଷ ପ୍ରସନ୍ନ ହେଇ ଶ୍ରୀଜଗନ୍ନାଥଙ୍କ ନିଜ ଦେହରେ ଶ୍ରୀଚୈତନ୍ୟଙ୍କୁ ବ୍ରହ୍ମଲୀନ ହେବାର ସୁଯୋଗ ଦେଲାଭଳି, ନିଜ ଶ୍ରୀମୁଖରେ ତାଙ୍କୁ ସମାହିତ କରେଇଦେଲେ । ଆପଣ କୌଣସି ସ୍ଥାନରେ ମଧ ମୀରାବାଈଙ୍କ ସମାଧି ଦେଖିବାକୁ ପାଇବେ ନାହିଁ । ରାଜସ୍ଥାନୀ ଭାଷାରେ ରଚିତ ଅନେକ ଭଜନ ଆଜିବି ଭକ୍ତରସରେ ପ୍ଲାବନ କରୁଛି ଜନତାଙ୍କୁ। ମୀରା ହେଇ ନାଚିବା ସହଜ ନୁହଁ, ଭଗବାନଙ୍କ ଭକ୍ତିରସରେ ସେତିକି ବୁଡ଼ିବାକୁ ହୁଏ । ଗୀତରେ କହନ୍ତି

**'ପଗ ଘୁଙ୍ଗୁର ବାନ୍ଧ୍ ମୀରା ନାଚେରେ**
**ଲୋଗ୍ କହେ ବୋ ତ ଭଇରେ ବବରିଆ**
**ଶାଶ କହେ କୁଲ ନାଶି ରେ**
**ପଗ ଘୁଙ୍ଗୁର ବାନ୍ଧ୍ ମୀରା ନାଚେରେ ।'**

ଏହା ଇଶ୍ୱରଙ୍କ କୃପାଯେ, ଆମ୍ଭେ ପ୍ରତ୍ୟକ୍ଷରେ ଅବା ପରୋକ୍ଷରେ ଇଶ୍ୱରଙ୍କ କଥା ଶ୍ରବଣ କରୁଅଛେ । ସଂସାର ଗୁରୁତ୍ୱ ନୁହଁ ଭଗବାନ ଗୁରୁତ୍ୱ ଅଟନ୍ତି । ସମସ୍ତ ଯୋନିରେ ସଂସାର ସୁଖ ମିଳୁଥିବା ସ୍ଥଳେ ଭଗବାନ ଭକ୍ତିର ସୁଯୋଗ କେବଳ ମନୁଷ୍ୟ ଯୋନିରେ ମିଳେ । କେବଳ ମନୁଷ୍ୟ ଶରୀର ମାଧ୍ୟମରେ ଆପଣ ଭଗବାନଙ୍କ ସ୍ତୁତି ଗାନ କରିପାରିବେ । ଗୋପପୁର ର ସମସ୍ତଙ୍କ ଘରେ ଶ୍ରୀକୃଷ୍ଣ ଲହୁଣୀ ଚୋରି କରୁଥିଲେ, କିନ୍ତୁ ମାଧବୀଙ୍କ ଅନେକ ଦିନର ପ୍ରତୀକ୍ଷା ବେକାର ହେଉଥିଲା । ସଖିମାନଙ୍କ ଶ୍ରୀକୃଷ୍ଣଙ୍କ ଲବଣୀ ଚୋରି ଉପଖ୍ୟାନ ମାନଙ୍କରେ ଦିବ୍ୟ ରପର ବର୍ଣ୍ଣନା ସବୁ ଶୁଣି ସେ ଅତିଷ୍ଠ ହେବା ସାର ହେଉଥିଲା। ପାପ, ଅକର୍ମ ସମସ୍ତଙ୍କ ଦ୍ୱାରା ହେଇଯାଏ, କିନ୍ତୁ ତାହାର ପ୍ରାୟଶ୍ଚିତ ବିଧେୟ ।

# "ଋତୁ"



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ପିଲା ଦିନରୁ ଆମେ ଜାଣିଛୁ ବର୍ଷ କୁ ବାର ମାସ ଏବଂ 'ଛ' ଋତୁ। କିନ୍ତୁ ଆଜି କାଲି 'ଛ' ଋତୁ କୁ ଅଲଗା ଅଲଗା ଭାବରେ ଅନୁଭବ କରି ହୁଏ ନାହିଁ।କେବଳ ବର୍ଷା, ଗ୍ରୀଷ୍ମ ଓ ଶୀତ ଋତୁ କୁ ହିଁ ଅନୁଭବ କରି ହେଉଛି ବାକି ଋତୁ ଗୁଡିକ ଅଦିନିଆ ଅତିଥି ପରି କେତେବେଳେ ଆସି କେତେବେଳେ ଚାଲିଯାନ୍ତି ଜାଣିହୁଏ ନାହିଁ।ଏହାର ମୁଖ୍ୟ କାରଣ ହେଲା ଗ୍ଲୋବାଲ ୱାର୍ମିଂ।ପ୍ରାୟ ବର୍ଷକୁ ସାତ ଆଠ ମାସ ଆମେ ଗରମ ଅନୁଭବ କରିଥାଉ।

ସଂପୂର୍ଣ୍ଣ ବିଶ୍ୱରେ ଯେତେବେଳେ ଉତ୍ତାପ ଗୋଟିଏ ଡିଗ୍ରୀ ବୃଦ୍ଧି ହେଉଛି ବିଶ୍ୱ ରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି।

ବିଶ୍ୱରେ ଉତ୍ତାପ ବୃଦ୍ଧି ଆମର ପ୍ରାଣୀ ଜଗତକୁ ଓ ଉଦ୍ଭିଦ ଜଗତକୁ ପ୍ରଭାବିତ କରୁଛି। ପୃଥିବୀର ଉତ୍ତର ମେରୁ ହେଉଛି ବରଫାବୃତ। ସେଠାରୁ ବରଫ ତରଳି ବହୁଛି ଏବଂ ନଦୀ ଦେଇ ସମୁଦ୍ରରେ ମିଶୁଛି । ସେହିପରି ହିମାଳୟରେ ଥିବା ଗ୍ଲେସିଏର ଗୁଡିକ ଗରମର ବୃଦ୍ଧି ପାଇଁ ତରଳି ଯାଉଛି ଜଳର ସ୍ତର ବଢୁଛି। ପ୍ରାକୃତିକ ବିପଦ ଯେପରି ବନ୍ୟା,ବାତ୍ୟା,ସୁନାମି ଓ ଆଗ୍ନେୟଗିରିର ବିସ୍ଫୋରଣ ଦେଖିବାକୁ ମିଳୁଛି।

ବର୍ଷା ଋତୁକୁ ଆମ ଦେଶରେ ଆମେ ହୃଦୟର ସହିତ ସ୍ୱାଗତ କରିଥାଉ।ଭାରତ ଗୋଟିଏ କୃଷି ପ୍ରଧାନ ଦେଶ। ବର୍ଷା ଆସିଗଲେ ନୂଆ ଫସଲ ଉତ୍ପାଦନ ପାଇଁ କୃଷକ ତତ୍ପର ହୋଇ ଯାଏ।ଯେଉଁ ବର୍ଷ ବର୍ଷାର ପରିମାଣ କମ ହୁଏ କିମ୍ବା ଠିକ ସମୟରେ ବର୍ଷା ନ ହୁଏ ତାହେଲେ ଭାଳେଣି ପଡିଯାଏ । ଆଜି କାଲି ଅଦିନିଆ ବର୍ଷା କିମ୍ବା ଲଘୁଚାପ ବର୍ଷା ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ବିଲରେ ଲହରୁ ଥିବା ପାଚେଲା ଫସଲ ଉପରେ ବର୍ଷା ପାଣି ପଡିଲେ ଫସଲ ନଷ୍ଟ ହେଉଛି । ଶୀତ ଋତୁର ବିଶେଷ ପ୍ରଭାବ ଓଡିଶାରେ ଦେଖାଯାଏନି କାରଣ ଓଡିଶା ରାଜ୍ୟଟି ସମୁଦ୍ର କୂଳରେ ଅବସ୍ଥିତ। ଓଡିଶା ର ଲୋକମାନେ ଶୀତଦିନକୁ ବେସ ଉପଭୋଗ କରିଥାନ୍ତି । ସ୍କୁଲ, କଲେଜ ଓ ଅଫିସରେ ବଣଭୋଜିର ଆୟୋଜନ ହୁଏ । ଲୋକମାନେ ବିଭିର୍ନ୍ନ ସ୍ଥାନକୁ ବୁଲି ଯାଇଥାନ୍ତି । ଓଡିଶାର କାଶ୍ମୀର ଦାରିଙ୍ଗବାଡିରେ ଶୀତ ବେସ ଅନୁଭବ କରି ହୁଏ । ଦାରିଙ୍ଗବାଡିରେ ୨୦୧୪ ରେ -୦.୫ ସି ଡିଗ୍ରୀ ତାପମାନଥିଲା, ୨୦୨୨ରେ ଦାରିଙ୍ଗବାଡିରେ ୬.୪ ଡିଗ୍ରୀ ସି ତାପମାତ୍ରା ଥିଲା .୨୦୨୩ ରେ ଦାରିଙ୍ଗବାଡି ରେ ୪.୫ ଡିଗ୍ରୀ ତାପମାତ୍ରା ରହିଛି । ବର୍ତ୍ତମାନ ଓଡିଶା ର ୧୭ ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ଠୁ କମ୍ ରହିଛି । କୋରାପୁଟ ଜିଲ୍ଲା ରେ ୩.୯ ସି ତାପମାତ୍ରା ରହିଛି ,ଝାରସୁଗୁଡା ୬.୩ ଡିଗ୍ରୀ ତାପମାତ୍ରା ରହିଛି, ଗଜପତି, କଳାହାଣ୍ଡି କୋରାପୁଟ, କନ୍ଧମାଳରେ ୧୦ ଡିଗ୍ରୀ ଠୁ କମ ତାପମାତ୍ରା ରହିଛି । ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ଏବଂ ନବରଂଗପୁର ଜିଲ୍ଲା କୁ ୟେଲୋ ୱାର୍ନିଂ ଦିଆଯାଇଛି । ପାଣିପାଗ ବିଭାଗ ତରଫରୁ ସୂଚନା ଦିଆ ଯାଇଛି ୪୮ ଘଣ୍ଟା ଭିତରେ ତାପମାତ୍ରା ୨-୪ ଡିଗ୍ରୀ ସି ତାପମାତ୍ରା କମିପାରେ । ଦାରିଙ୍ଗବାଡିର ଲୋକମାନେ ଶୀତ ପାଇଁ ଭାରି କଷ୍ଟ ପାଇଥାନ୍ତି । ଓଡିଶାର ଅନ୍ୟ ସ୍ଥାନର ଲୋକମାନେ ଦାରିଙ୍ଗବାଡିର ଶୀତକୁ ଅନୁଭବ କରିବାପାଇଁ ଦାରିଙ୍ଗବାଡି ବୁଲିଯାଇଥାନ୍ତି। ରାଜ୍ୟ ସରକାର ଯଦି ଚାହାଁନ୍ତେ ଦାରିଙ୍ଗବାଡି ଏକ ସୁନ୍ଦର ଶୈଳ ନିବାସ ହୋଇପାରନ୍ତା।

ଅନେକ ୟୁରୋପିଏନ ଦେଶ ଗୁଡିକରେ ଶୀତ ଦିନେ ତୁଷାରପାତ ହୋଇଥାଏ। ସେ ଦେଶ ଗୁଡିକରୁ ଶୁଷ୍କ ଥଣ୍ଡା ପବନ ଭାରତ ଭିତରକୁ ପଶି ପାରେ ନାହିଁ କାରଣ ହିମାଳୟ ବାଧା ଦେଇଥାଏ । ଭାରତର ପ୍ରାୟ ସ୍ଥାନ ସେଥିପାଇଁ ବାସଉପୋଯୋଗି ହୋଇପାରିଛି ।

ଓଡିଶାରେ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଗୁଳୁଗୁଳି ଓ ଗରମ ହୋଇଥାଏ । ଏହି ଅସହ୍ୟ ଗରମ ଯୋଗୁ ରାଜ୍ୟ ସରକାରଙ୍କ ତରଫରୁ ସ୍କୁଲ କଲେଜରେ ଛୁଟି ଘୋଷଣା କରାଯାଇଥାଏ । ଅତ୍ୟଧିକ ଗରମ ଯୋଗୁ ସାଧାରଣ ଲୋକମାନଙ୍କୁ ଟୋପି ପିନ୍ଧିବା ପାଇଁ ସରକାରଙ୍କ ତରଫ ରୁ ବାଧ କରାଯାଇଥାଏ । ବିଭିନ୍ନ ସ୍ଥାନରେ ସାମାଜିକ କର୍ମୀ ଏବଂ ସରକାରଙ୍କ ତାରଫରୁ ରାସ୍ତାରେ ଯିବା ଆସିବା ଲୋକମାନଙ୍କ ପାଇଁ ଜଳ ଏବଂ ପଣାର ବ୍ୟବସ୍ଥା କରାଯାଇଥାଏ । ଗ୍ରୀଷ୍ମ ଋତୁ ସମୟରେ କଦଳୀ, ଆମ୍ବ, ଲିଚୁ, ଅଙ୍ଗୁର ଏବଂ ଅନ୍ୟାନ୍ୟ ଫଳ ବଜାରରେ ବିକ୍ରି ହୋଇଥାଏ । ଗ୍ରୀଷ୍ମ ଋତୁର ଅସହ୍ୟ ତାତି ଯୋଗୁ ଲୋକମାନେ ବିଭିନ୍ନ ରୋଗର ସମ୍ମୁଖିନ ହୋଇଥାନ୍ତି। ପ୍ରବଳ ଗରମ ଯୋଗୁ ଅଂଶୁଘାତକ ବା ସନଷ୍ଟ୍ରୋକର ଶିକାର ସାଧାରଣ ଲୋକ ହୋଇଥାନ୍ତି । ଗ୍ରୀଷ୍ମ ଋତୁରେ କେତେକ ଜିଲ୍ଲାରେ କାଳ ବୈଶାଖୀ ବର୍ଷା ଦେଖିବାକୁ ମିଳିଥାଏ । ବେଳେ ବେଳେ ଲୁ ର ପ୍ରବାହ ଅନୁଭବ କରି ହୁଏ । ଓଡିଶାର ଟିଟଲାଗଡ, ଝାରସୁଗୁଡା, ଭୂବନେଶ୍ୱର ପ୍ରଭୁତି ଜାଗାରେ ଗରମର ମାତ୍ରା ସବୁଠାରୁ ବେଶି ଥାଏ। ଏହି ଗରମର ମୁଖ୍ୟ କାରଣ ଡିଫରେଷ୍ଟେସନ ବା ଜଙ୍ଗଲ ନଷ୍ଟ । ସହର ଗୁଡିକରେ ଯାନ ବାହନର ସଂଖ୍ୟା ବଢିଯାଉଛି । ଯାନ ବାହନରୁ ବାହାରୁ ଥିବା ଦୂଷିତ ବାୟୁ ବାୟୁ ମଣ୍ଡଳରେ କାରବନଡାୟକସାଇଡ ଗ୍ୟାସର ମାତ୍ରାକୁ ବଢାଉଛି ଯେଉଁଥିପାଇଁ ଗ୍ରୀନ ହାଉସ ଏଫେକ୍ଟ ଦେଖିବା କୁ ମିଳୁଛି, ବାୟୁମଣ୍ଡଳରେ ଦୂଷିତ ବାୟୁ ଗରମକୁ ଧରି ରଖୁଛନ୍ତି। ଆଜି ସମଗ୍ର ବିଶ୍ୱ ପରିବେଶ ପାଇଁ ଚିନ୍ତିତ । ବିଶ୍ୱର ବଡ ବଡ ନେତା ମାନେ ଯେତେବେଳେ ଏକାଠି ହେଉଛନ୍ତି ସେତେବେଳେ ପରିବେଶକୁ କିପରି ରକ୍ଷା କରିହେବ ସେହି ବିଷୟରେ ଆଲୋଚନ କରୁଛନ୍ତି। ପରିବେଶ ଯଦି ବଞ୍ଚିବ ମାନବ ସମାଜ ବଞ୍ଚିବ। ସେଥିପାଇଁ ଆମ ସମସ୍ତଙ୍କର ଉଣାଅଧିକେ ସହଯୋଗ ଦରକାର ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

29 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର,୦୧ ଜାନୁଆରୀ, ସୋମବାର,୨୦୨୪


# ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ରାଇଜିଂ ଷ୍ଟୁଡ଼େଣ୍ଟ ବିଜୟୀ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ମୁକୁଟ ବିହୀନ ସମ୍ରାଟ ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଳବର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ତୃତୀୟ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି । ରବିବାରର ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚ୍ ରାଇଜିଂ ଷ୍ଟୁଡ଼େଣ୍ଟ କଟକ ଓ ଏମ୍.ସି.ସି. ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଇଜିଂ ଷ୍ଟୁଡ଼େଣ୍ଟ କଟକ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୫ ଓଭର ଖେଳି ୯ ଉଇକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ରାମଚନ୍ଦ୍ର ବେହେରା ୪୬ ରନ୍ ସଂଗ୍ରହ କରିଥିବାବେଳେ ସୌମ୍ୟରଞ୍ଜନ ବିଶ୍ୱାଳ ୨୬ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଏମ୍.ସି.ସି, ଯାଜପୁର ୧୪.୨ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୬୩ ରନ୍ ସଂଗ୍ରହ କରି ରାଇଜିଂ ଷ୍ଟୁଡ଼େଣ୍ଟ, କଟକଠାରୁ ପରାସ୍ତ ହୋଇଥିଲେ । ରାଇଜିଂ ଷ୍ଟୁଡ଼େଣ୍ଟ, କଟକର ବୋଲର ତାପସ ଦାସ ୪ ଓଭର ବୋଲିଂ କରି ୧୪ ରନ୍ ଦେଇ ୩ ଉଇକେଟ୍ ଅକ୍ତିଆର କରିଥିବାବେଳେ ରମେଶ ବେହେରା ୪ ଓଭର ବୋଲିଂ କରି ୮ ରନ୍ ଦେଇ ୨ ଉଇକେଟ୍ ଅକ୍ତିଆର କରିଥିଲେ। ଏହି ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରାମଚନ୍ଦ୍ର ବେହେରାଙ୍କୁ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ବରିଷ୍ଠ ସଭ୍ୟ ତଥା ପୂର୍ବତନ କ୍ରିକେଟିୟର ଶ୍ରୀଜୟ ମହାପାତ୍ର ପୁରସ୍କୃତ କରିଥିଲେ। ରବିବାର ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ସ୍ୱସ୍ତିକ ପହି, ନାଥସାହି ସ୍ଥାନୀୟ ଯୁବନେତା ମନୋଜ କୁମାର ସାହୁ, ସୁଶାନ୍ତ ସିଂ, ଦିବାକର କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌କୁ ଶରତ ଜେନା ଓ ଖଗେଶ୍ୱର ମଲ୍ଲିକ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସୁମିତ୍ରା ସାହୁ ଓ କାଶିଫ୍ ପରିଚାଳନା କରିଥିଲେ।

## ଅଲ୍ଟିମେଟ ଖୋ ଖୋ ସିଜିନ-୨

# ଓଡ଼ିଶା ଜଗରନଟ୍ସର ପ୍ରଥମ ପରାଜୟ



**କଟକ**

ଓଡ଼ିଶା ଜଗରନଟ୍ସର ପ୍ରଥମ ପରାଜୟ। କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଅଲ୍ଟିମେଟ ଖୋ ଖୋ ସିଜିନ-୨ର ଦ୍ୱିତୀୟ ମ୍ୟାଚ୍‌ରେ ଗୁଜୁରାଟ ଜାଏଣ୍ଟସ୍‌କୁ ଅଲରାଉଣ୍ଡ ପ୍ରଦର୍ଶନ କରି ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସକୁ ୩୪-୨୯ ପଏଣ୍ଟରେ ପରାସ୍ତ କରିଛି ।

ସେହିପରି ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ କ୍ୱିକ୍ ଗନ୍ସ ୩୬-୩୧ରେ ମୁମ୍ବାଇ ଲାଡିଜଙ୍କୁ ପରାସ୍ତ କରିଛି । ବିଜେତା ଦଳ ପକ୍ଷରୁ ପିଣ୍ଟନରସାୟା ସର୍ବାଧିକ ୮ ପଏଣ୍ଟ ହାସଲ କରିଥିବା ବେଳେ ଅଭିଜିତ ପାଟିଲ ଓ ଶୁଭମ ଥୋରାଟ ୪ ମିନିଟରୁ ଅଧିକ ସମୟ ମ୍ୟାଚ୍‌ରେ ରହି ଡ୍ରିମ ରନ୍ ବୋନସ ପଏଣ୍ଟ ହାସଲ କରିଥିଲେ।

ତେବେ ଗୁଜରାଟ ଜାଏଣ୍ଟସ ଫ୍ରଣ୍ଟ ଫୁଟ୍‌ରେ ମ୍ୟାଚ୍ ଆରମ୍ଭ କରି ପ୍ରଥମ ପାଳିରେ ୧୮ ପଏଣ୍ଟ ହାସଲ କରିଥିବା ବେଳେ କେବଳ ଗୋଟିଏ ଡ୍ରିମ୍ ରନ ବୋନସ୍ ପଏଣ୍ଟ ହାସଲ କରିଥିଲା। ପ୍ରଥମ ଇନିଂସ ଶେଷ ହେବା ପୂର୍ବରୁ ଅଭିଜିତ ପାଟିଲ, ଶୁଭମ୍ ଥୋରାଟ ଏବଂ ଦୀପକ ମାଧବଙ୍କ ପ୍ରଥମ ବ୍ୟାଚ୍ ୪ଟି ଡ୍ରିମ ରନ ବୋନସ୍ ପଏଣ୍ଟ ହାସଲ କରି ଦଳକୁ ୧୧ ପଏଣ୍ଟରେ ଅଗ୍ରଣୀ କରିଥିଲେ। ଯାହା ସିଜନ-୨ରେ ଗୁଜୁରାଟ ପାଇଁ ଅନ୍ୟତମ ଶ୍ରେଷ୍ଠ ମୁହୂର୍ତ୍ତ ସାବ୍ୟସ୍ତ ହୋଇଥିଲା। ତୃତୀୟ ପାଳିରେ ରୋହନ ସିଙ୍ଗାଡ଼େ, ବିଶାଲଙ୍କ ସହିତ ଓଡ଼ିଶା ଜଗରନଟ୍ସ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିବା ବେଳେ, ଶୁଭମ ଥୋରାଟ ୪ଟି ଡ୍ରିମ୍ ରନ ବୋନସ୍ ପଏଣ୍ଟ ହାସଲ କରିଥିଲେ। ଗୁଜରାଟ ତୃତୀୟ ପାଳିରେ ମଧ୍ୟ ଆକ୍ରମଣରେ ୧୨ ପଏଣ୍ଟ ହାସଲ କରିଥିଲା ଏବଂ ଶେଷରେ ୧୪ ପଏଣ୍ଟ ଶେଷ ଟର୍ଣ୍ଣ ଡିଫେଣ୍ଡିଂ ଚାମ୍ପିୟନଙ୍କ ବିଜୟ ହାସଲ କରିବା ପାଇଁ ଯଥେଷ୍ଟ ହୋଇନଥିଲା।

# ଅନ୍ତିମ ଟି୨୦ରେ ନ୍ୟୁଜିଲାଣ୍ଡ ବିଜୟୀ : ସିରିଜ ୧-୧ରେ ଡ୍ର’

**ମାଉଣ୍ଟ ମଙ୍ଗାନୁଇ**

ମାଉଣ୍ଟ ମଙ୍ଗାନୁଇସ୍ଥିତ ବାଇ ଓଭାଲ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଡକୱର୍ଥ ଲୁଇସ୍ ସିଷ୍ଟମ୍ (ଡିଏଲ୍‌ଏସ୍) ଜରିଆରେ ୧୭ ରନ୍‌ରେ ବିଜୟ ହାସଲ କରିଛି।

ଫଳରେ ଦୁଇଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ୍ ୧-୧ରେ ଡ୍ର’ ରହିଛି। ନ୍ୟୁଜିଲାଣ୍ଡରେ ପ୍ରଥମ ଥର ସିରିଜ ଜିତିବା ଲାଗି ବାଂଲାଦେଶ ଯେଉଁ ସ୍ୱପ୍ନ ଦେଖିଥିଲା ତାହା ଅଧୁରା ରହିଗଲା। ଘରୋଇ ଦଳକୁ ଜିତାଇବାରେ ମିଚେଲ ସାଣ୍ଟନର ଓ ଜିମ୍ମି ନିଶାମଙ୍କ ମଧ୍ୟରେ ୪୬ରନର ପାର୍ଟନରସିପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୧୯.୨ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଏକଦା ୯ ଓଭରରେ ୪୯ ରନ୍‌ରେ ୫ ଉଇକେଟ ହରାଇ ଥିଲା।

ନିଶାମ ଓ ସାଣ୍ଟନର ସତର୍କତାର ସହିତ ବ୍ୟାଟିଂ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ। ୧୫ତମ ଓଭରରେ ଦଳ ୫ ଉଇକେଟ ବିନିମୟରେ ୯୫ ରନ କରିଥିବା ବେଳେ ବର୍ଷା ଯୋଗୁ ମ୍ୟାଚକୁ ସ୍ଥଗିତ ରଖାଯାଇଥିଲା। ପରେ ଡକୱର୍ଥ ଲୁଇସ୍ ସିଷ୍ଟମ୍ (ଡିଏଲ୍‌ଏସ୍) ଜରିଆରେ ନ୍ୟୁଜିଲାଣ୍ଡକୁ ୧୭ ରନ୍‌ରେ ବିଜୟ ଘୋଷଣା କରାଯାଇଥିଲା।

# ଏସ୍‌ଏସ୍ ବ୍ରଦର୍ସ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ : ଦାଇଁଲୋ ଚାମ୍ପିଅନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଦାଇଁଲୋ ପଞ୍ଚାୟତ ଦାମୋଦର ପାଟଣା ଗ୍ରାମର ଖେଳ ପଡ଼ିଆରେ ଏସ୍‌ଏସ୍ ବ୍ରଦର୍ସ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ପଞ୍ଚାୟତରେ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ଟି ବିଷନପୁର ପଞ୍ଚାୟତ ଓ ଦାଇଁଲୋ ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦାଇଁଲୋ ଟସ୍ ଜିତି ୧୭ ଓଭର ଖେଳି ୮ ଉଇକେଟ ହରାଇ ୧୫୩ ରନ କରିଥିଲା। ବିଷନପୁର ୧୭ ଓଭର ଖେଳି ୯ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲେ। ଦାଇଁଲୋ ୫ ରନରେ ବିଜୟଲାଭ କରି ଚାମ୍ପିଅନ ହୋଇଥିଲା। ଏଥିରେ ମ୍ୟାନ ଅଫ ଦି ମ୍ୟାଚ୍, ବେଷ୍ଟ ଫିଲ୍‌ଡର, ବେଷ୍ଟ ବୋଲର ଭାବେ ସୁବାଷ ଦାସ ବିବେଚିତ ହୋଇଥିଲେ। ମ୍ୟାନ ଅଫ ଦି ସିରିଜ୍ ଟାଟୁ ବିବେଚିତ ହୋଇଥିଲେ। ପୂର୍ବତନ ଜିଲ୍ଲାପରିଷଦ କ୍ଷୀରୋଦ କୁମାର ବାରିକ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବ ନେତା ଡଃ. ରମାକାନ୍ତ ଭୋଇ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଅନିତା ବାରିକ, ଦାଇଁଲୋ ସେବା ସମବାୟ ସମିତି ସମ୍ପାଦକ ଗଗନ ବିହାରୀ ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କ୍ଷୀରୋଦ କୁମାର ବାରିକ, ବାଙ୍କ ବିହାରୀ ଦାସ, ରୋଜାଲିନ ମଲ୍ଲିକ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି, ୬ ହଜାର ୧ ଓ ରନର୍ସଅପ ଦଳକୁ ୫ ହଜାର ୧ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଏଥି ସହିତ ଭଲୁଣ୍ଟିରିମାନଙ୍କୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅମ୍ପାୟାର ଭାବେ ପ୍ରଶାନ୍ତ ମହାପାତ୍ର ଓ ଦୀପ୍ତି ପ୍ରସାଦ ମହାପାତ୍ର ଖେଳକୁ ପରିଚାଳନା କରିଥିଲେ। ଏହି ଖେଳରେ ଭାଷ୍ୟକାର ଭାବେ ପ୍ରୀତିରଞ୍ଜନ ଦଳାଇ ବିବରଣୀ ପ୍ରଦାନ କରିଥିବାବେଳେ ଦିପକ ମହାପାତ୍ର ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଖେଳକୁ ଆଶୁତୋଷ ଦାସ, ସୁଧୀର ମଲ୍ଲିକ, ପରିମିତ ସୁନ୍ଦର ଦାସ, ଆୟୁଷ ନାଥ ମହାପାତ୍ର, ବିଶ ନାଥ ପଣ୍ଡା, ଲୋକନାଥ ପଣ୍ଡା, ଆଶିଷ ମଲ୍ଲିକଙ୍କ ସମେତ ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

# ନ୍ୟାସନାଲ ଟାଇକୋଫେସଟ ଚାମ୍ପିଅନସିପ୍‌ରେ ବ୍ରହ୍ମପୁର ଟାଏକଣ୍ଡୋ ଟ୍ରେନିଂ ସ୍କୁଲର ସଫଳତା



**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗତ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ କଲିକତାରେ ହେଇଥିବା ଜାତୀୟ ସ୍ତରୀୟ ଟାଇକୋଫେସଟ ପ୍ରତିଯୋଗିତାରେ ବ୍ରହ୍ମପୁରର ଧର୍ମନଗରରେ ଥିବା ବ୍ରହ୍ମପୁର ଟାଏକଣ୍ଡୋ ଟ୍ରେନିଂ ସ୍କୁଲର ୧୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରେ ସେମାନେ ସଫଳତା ହାସଲ କରିବା ସହ ୪ଗୋଟି ସ୍ୱର୍ଣ୍ଣ ପଦକ, ରୋପ୍ୟ ୬ଗୋଟି ଓ ତାମ୍ର ୨ ଗୋଟି ହାସଲ କରିଛନ୍ତି। ଏହି ସଫଳତା ପାଇଥିବା ଖେଳାଳି ମାନେ ତାଙ୍କର କୋଚ ଜନୋଜ କୁମାର ମହାରଣା ଙ୍କ ଅଧୀନରେ ଟାଏକଣ୍ଡୋ ଅଭ୍ୟାସ କରୁଥିଲେ। ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ୨୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ଏଥିରେ ଓଡ଼ିଶା ଟିମ୍ ୱିନର କପ୍ ହାସଲ କରିଛି।

## ଅନୁଗୁଳ ବାଗେଡ଼ିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମାରୋହ

# ଖେଳର ବାତାବରଣ ତିଆରି କରିବାରେ ବାଗେଡ଼ିଆ ଆଗରେ ରହିଛି : ଧର୍ମେନ୍ଦ୍ର ପ୍ରଧାନ



**ବାଗେଡିଆ/ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ବାଗେଡ଼ିଆର ନିଜସ୍ୱ ସଂସ୍କାର ଅଛି। ଏହି ମାଟିରେ ଜନ୍ମ ହୋଇ ଅନେକ ସୁଯୋଗ୍ୟ ସନ୍ତାନ ନିଜର ଦକ୍ଷତାର ପରାକାଷ୍ଠା ଦେଖାଇଛନ୍ତି। କ୍ରିକେଟ ଓ ଫୁଟ୍‌ବଲ ଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଖେଳର ବାତାବରଣ ତିଆରି କରିବାରେ ବାଗେଡ଼ିଆ ଆଗରେ ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ରବିବାର ଅନୁଗୁଳ ଜିଲ୍ଲା ଛେଣ୍ଡିପଦାର ବାଗେଡ଼ିଆ ଠାରେ ବାଗେଡ଼ିଆ କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ ସବୁ ବିଷୟରେ ପାରଙ୍ଗମ ଦେଖାଉଥିବା ଅଞ୍ଚଳ ହେଉଛି ବାଗେଡ଼ିଆ। ଏହି ଅଞ୍ଚଳରେ ପୂର୍ବରୁ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ହୋଇଥିବା ବେଳେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ଆଗାମୀ ଦିନରେ ଆୟୋଜକମାନେ ଭଲିବଲ ପ୍ରତିଯୋଗିତା ଆୟୋଜନ କରିବାର ଯୋଜନା କରିଛନ୍ତି। ଖେଳୁଆଡ଼ ମନଭାବ ତିଆରି କରିବାରେ ବାଗେଡ଼ିଆ ଆଗରେ ଅଛି।

ସ୍ଥାନୀୟ ଅଞ୍ଚଳରେ କ୍ରିକେଟ ପ୍ରତିଯୋଗିତା ମାଧ୍ୟମରେ ଖେଳ ପ୍ରତି ଯୁବପିଢିଙ୍କୁ ଆକୃଷ୍ଟ କରିବା ଦିଗରେ ଏଭଳି କ୍ରିକେଟ ପ୍ରତିଯୋଗିତାର ଆୟୋଜନ ବେଶ୍ ପ୍ରଶଂସନୀୟ। ଯୁବବର୍ଗ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଥିବା ଖେଳକୁ ନେଇ ଉତ୍ସାହ ଓ ଉଲ୍ଲାସ ଦେଖି ବହୁତ ଖୁସି ଲାଗିଲା। ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିବା ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ବାଗେଡ଼ିଆ ଅଞ୍ଚଳର ମହାପୁରୁଷ ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ଜୁଭେନାଇଲ ଖେଳାଳି ଆଶୀର୍ବାଦ ସ୍ୱାଇଁ ଓ ସୁମିତ ଶର୍ମା ରଣଜୀ ଟ୍ରଫି ପାଇଁ ମନୋନୀତ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ରଣଜୀ ଟ୍ରଫି ପାଇଁ ଓଡିଶା ଟିମ୍‌ରେ ଆଶୀର୍ବାଦ ସ୍ୱାଇଁ ଏବଂ ସୁମିତ ଶର୍ମା ଯୋଗ୍ୟ ବିବେଚିତ ହୋଇ ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କର କଠିନ ପରିଶ୍ରମ ହିଁ ସେମାନଙ୍କୁ ଆଜି ଏହି ସୋପାନରେ ଆଣି ପହଞ୍ଚାଇଛି। ଏହି ଦୁଇ ଖେଳାଳି ଜୁଭେନାଇଲ କ୍ଲବ୍‌ର ଖେଳାଳି। ତାଙ୍କର ଏହି ଆଚିଭ୍‌ମେଣ୍ଟ ପାଇଁ ଜୁଭେନାଇଲ କ୍ଲବର ସମସ୍ତ କର୍ମକର୍ତ୍ତା ସେମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଅନିଲ ପରିଡ଼ା ଏବଂ ସାଇଦୀପ ମହାପାତ୍ର ମଧ୍ୟ ସିକେ ନାଇଡୁ ଟ୍ରଫି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କୁ ମଧ୍ୟ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚ୍ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।




# ଦୁବାଇରେ ନୂଆ ବର୍ଷ ପାଳିବେ ଧୋନି



**ନୂଆଦିଲ୍ଲୀ**

ନୂତନ ବର୍ଷରେ କ୍ରିକେଟର ଏବଂ ବଲିଉଡ୍ ତାରକାମାନେ ମଧ୍ୟ କିଛି ଭିନ୍ନ ଢଙ୍ଗରେ ନୂଆ ବର୍ଷ ପାଳନ କରିବାକୁ ବାହାରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମହେନ୍ଦ୍ର ସିଂ ଧୋନି, ଯିଏକି ତାଙ୍କ ପତ୍ନୀ ଏବଂ ପରିବାର ସହିତ ନୂଆ ବର୍ଷ ପାଳନ କରିବାକୁ ଦୁବାଇ ଯାଇଛନ୍ତି। ଡିସେମ୍ବର ୩୦ରାତିରେ ମହେନ୍ଦ୍ର ସିଂ ଧୋନି ତାଙ୍କ ପତ୍ନୀ ସାକ୍ଷୀଙ୍କ ସମେତ ଅନେକ ବଲିଉଡ୍ ତାରକାଙ୍କ ସହ ଦୁବାଇରେ ପାର୍ଟି କରୁଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଧୋନିଙ୍କ ଭାଇରାଲ ଫଟୋରେ ବଲିଉଡ୍‌ର ଜଣେ ପ୍ରସିଦ୍ଧ ଅଭିନେତ୍ରୀ କ୍ରିତି ସାନନ ଏବଂ ତାଙ୍କ ଭଉଣୀ ନୁପୁର ସାନନ ମଧ୍ୟ ଧୋନି ଏବଂ ସାକ୍ଷୀଙ୍କ ସହ ଫଟୋ କ୍ଲିକ କରୁଥିବା ଦେଖିବାକୁ ମିଳିଛି। ନୂଆ ବର୍ଷ ୨୦୨୪ପୂର୍ବରୁ, ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଏବଂ ତାଙ୍କ ପତ୍ନୀ ଦୁବାଇରେ ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ ଏବଂ ତାଙ୍କ ଭଉଣୀ ନୁପୁର ସାନନଙ୍କ ସହ ପାର୍ଟି କରୁଥିବା ଦେଖିବାକୁ ମିଳିଥିଲା। ଏମାନଙ୍କ ସହ ନୁପୁର ସାନନଙ୍କ କଥିତ ବୟଫ୍ରେଣ୍ଡ ତଥା ଗାୟକ ଷ୍ଟେବିନ ବେନ ଏବଂ ବରୁଣ ଧାୱନ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଏସବୁ ବ୍ୟତୀତ ବିଗ୍ ବସ୍ ଓଟିଟି ୨ ଖ୍ୟାତି ଅବଦୁ ରୋଜିକ ମଧ୍ୟ ଦୁବାଇରେ ନୂଆ ବର୍ଷ ଉତ୍ସବରେ ଯୋଗ ଦେଇଥିଲେ। ଏହି ସମସ୍ତ ବ୍ୟକ୍ତି ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକଙ୍କ ସହିତ ଫଟୋ କ୍ଲିକ୍ କରିଛନ୍ତି। ଷ୍ଟେବିନ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ କ୍ରିତି ସାନନ, ନୁପୁର ସାନନ ଏବଂ ଷ୍ଟେବିନ ନିଜେ ଏମ.ଏସ ଧୋନି ଏବଂ ସାକ୍ଷୀଙ୍କ ସହ ପୋଜ କରୁଥିବା ନଜର ଆସିଛନ୍ତି। ଏମ୍‌ଏସ୍ ଧୋନି କଳା ସାର୍ଟ ଏବଂ କଳା ପ୍ୟାଣ୍ଟରେ ବହୁତ ସୁନ୍ଦର ଦେଖାଯାଉଥିଲେ। ଧୋନିଙ୍କ ପତ୍ନୀ ସାକ୍ଷୀଙ୍କୁ ଧଳା ପୋଷାକରେ ଦେଖିବାକୁ ମିଳିଥିଲା।








# ଇଂରାଜୀ ନୂଆବର୍ଷ- ୨୦୨୪ର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସମେତ ସମଗ୍ର ଭାରତବାସୀଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି । ବର୍ଷ ୨୦୨୪ ସମସ୍ତଙ୍କ ପାଇଁ ସମ୍ଭାବନା ଓ ପ୍ରଗତିର ବର୍ଷ ହେଉ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଓଡ଼ିଶାର ସମୃଦ୍ଧ ଇତିହାସ, ସଂସ୍କୃତି ଓ ପରମ୍ପରା ଅନନ୍ୟ। ୨୦୩୬ରେ ଓଡ଼ିଶା ଓ ୨୦୪୭ରେ ଭାରତକୁ ଦେଖିଲେ ଆମ ରାଜ୍ୟ ଏବଂ ଦେଶର ପରିବର୍ତ୍ତନ



ରାସ୍ତାରେ ଅଛି । ଆଗକୁ ଯାତ୍ରା ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟେକ ଓଡ଼ିଆଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ତାଙ୍କ ବ୍ୟକ୍ତିଗତ ପ୍ରତିବଦ୍ଧତା ରହିଛି । ତାଙ୍କ ନେତୃତ୍ୱରେ ଆମେ ଆଗାମୀ ଦିନରେ ଏକ ସମୃଦ୍ଧ, ସମାବେଶୀ ଏବଂ ନୂଆ ଭାରତର ସ୍ୱପ୍ନ ନେଇ ଏକ ନୂଆ ଭବିଷ୍ୟତ ତିଆରି କରିବା ପାଇଁ ପ୍ରସ୍ତୁତ ଅଛୁ । ଆମେ ସମସ୍ତେ ମିଶି ଯେତେବେଳେ ଏକ ନୂଆ ବର୍ଷରେ ପ୍ରବେଶ କରୁଅଛେ, ସେତେବେଳେ ନୂତନ ସୂର୍ଯ୍ୟ କେବଳ ବଙ୍ଗୋପସାଗର ଉଦୟ ହେବ ନାହିଁ ବରଂ ସାଢେ ଚାରି କୋଟି ଓଡ଼ିଆ ଲୋକଙ୍କ ହୃଦୟରେ ଉଦୟ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ଗତି କରିବ । ନୂଆବର୍ଷ ୨୦୨୪ ଉଭୟ କେନ୍ଦ୍ର ଏବଂ ଓଡ଼ିଶା ପାଇଁ ନିର୍ବାଚନୀ ବର୍ଷ ହୋଇଥିବାରୁ ଓଡ଼ିଶାବାସୀଙ୍କ ପାଇଁ ନୂଆ ଆଶା ଓ ଆକାଂକ୍ଷାର ବର୍ଷ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଶ୍ରୀ ପ୍ରଧାନ ବିକଶିତ ଭାରତ ଗଠନରେ ଏବେ ଠାରୁ ନିଜ ନିଜର ଯୋଗଦାନ ରଖିବା ପାଇଁ ଆହ୍ୱାନ କରିବା ସହ ନୂଆବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ଜୀବନରେ ଖୁସି ଓ ଉଲ୍ଲାସ ଆଣିଦେଉ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଛନ୍ତି ।

# ଓଡିଶା ଓ ଉତ୍ତର ଆନ୍ଧ୍ରରେ ସ୍ୱଦେଶୀ ଅମୃତ ଭାରତ ଏକ୍ସପ୍ରେସକୁ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିବା ମାଲଦା ଟାଉନ୍-ବେଙ୍ଗାଲୁରୁ ଅମୃତ ଭାରତ ସମେତ ଦୁଇଟି ଅମୃତ ଭରତ ଏକ୍ସପ୍ରେସ ଏବଂ ଛଅଟି ବନ୍ଦେ ଭାରତ ଏକ୍ସପ୍ରେସକୁ ଦେଶର ବିଭିନ୍ନ ଷ୍ଟେସନ ମାନଙ୍କରେ ଭବ୍ୟ ସ୍ୱାଗତ କରାଯାଇଅଛି । ମାଲଦା ଟାଉନ୍-ବେଙ୍ଗାଲୁରୁ ଅମୃତ ଭରତ ଏକ୍ସପ୍ରେସ ଦକ୍ଷିଣ ପୂର୍ବ ରେଳପଥ ପରିସୀମା ମଧ୍ୟରେ ଓଡ଼ିଶାରେ ଜଳେଶ୍ୱର, ବାଲେଶ୍ୱର ଓ ସୋରୋ ଏବଂ ପୂର୍ବତଟ ରେଳପଥ ପରିସୀମାରେ ଓଡ଼ିଶାରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବ୍ରହ୍ମପୁର ଷ୍ଟେସନ ମାନଙ୍କ ଠାରେ ବାଦ୍ୟ ବଜାଇ ଏବଂ ପାରମ୍ପାରିକ ନୃତ୍ୟ ଦ୍ୱାରା ବହୁ ପ୍ରଶଂସକଙ୍କୁ ନେଇ ଅମୃତ ଭାରତ ଟ୍ରେନକୁ ଭବ୍ୟ ସ୍ୱାଗତ କରାଯାଇଅଛି। ପୂର୍ବତଟ ରେଳପଥ ଅଧୀନରେ ଉତ୍ତର ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଳମ୍, ବିଜୟନଗରମ୍ ଏବଂ ବିଶାଖାପାଟନମ୍ ରେଳ ଷ୍ଟେସନ୍ ମାନଙ୍କରେ ମଧ୍ୟ ଅମୃତ ଭାରତ ଟ୍ରେନକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ସ୍ୱାଗତ କରାଯାଇଅଛି ।



ଭଦ୍ରକ ଷ୍ଟେସନରେ ମାନ୍ୟବର ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ମାନ୍ୟବର ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକ ଏବଂ ସାମାଜିକ କର୍ମୀ ଶ୍ରୀମତୀ ମନସ୍ମିତା ଖୁଣ୍ଟିଆ ଏହି ଉତ୍ସବରେ ଯୋଗ ଦେଇଥିଲେ । କଟକ ରେଳ ଷ୍ଟେସନରେ ଆଜି ସକାଳେ ଯାତ୍ରୀ ସୁବିଧା କମିଟି ସଦସ୍ୟ ଶ୍ରୀ ଦିଲୀପ ମଲ୍ଲିକ ଏବଂ ସାମାଜିକ କର୍ମୀ ଲଲାଟେନ୍ଦୁ ବତ୍ସ ଯୋଗଦାନ କରିଥିଲେ। ଭୁବନେଶ୍ୱର ରେଳ ଷ୍ଟେସନରେ ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ଶ୍ରୀମତୀ ସୁଲତା ଦେଓ ଓ ଶ୍ରୀ ମୁଜୀବୁଲ୍ଲା ଖାଁ ଙ୍କ ସହିତ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ ଏସ ବଜୱା ଯୋଗଦାନ କରି ଅମୃତ ଭାରତ ଟ୍ରେନକୁ ସ୍ୱାଗତ କରିଥିଲେ । ସେହିଭଳି ଖୋର୍ଦ୍ଧା ରୋଡ ରେଳ ଷ୍ଟେସନରେ ମାନ୍ୟବର ବିଧାୟକ ଶ୍ରୀ ସୁରେଶ କୁମାର ରାଉତ ଏବଂ ସାମାଜିକ କର୍ମୀ ଶ୍ରୀ ରଶ୍ମୀ ରଞ୍ଜନ ମହାପାତ୍ର ଏହି ଉତ୍ସବରେ ଉପସ୍ଥିତ ଥିଲେ । ଏହା ବ୍ୟତୀତ ମାନ୍ୟବର ସାଂସଦ ଶ୍ରୀ ଚନ୍ଦ୍ରଶେଖର ସାହୁ ଏବଂ ମାନ୍ୟବର ବିଧାୟକ ଶ୍ରୀ ବିକ୍ରମ ପଣ୍ଡା ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ରେଳ ଷ୍ଟେସନ ଠାରେ ଅଂଶଗ୍ରହଣ କରି ଅମୃତ ଭାରତ ଟ୍ରେନ କୁ ସ୍ୱାଗତ କରିଥିଲେ । ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଉତ୍ତର ଆନ୍ଧ୍ର ପ୍ରଦେଶରେ ଶ୍ରୀକାକୁଳମ୍, ବିଜୟନଗରମ୍ ଏବଂ ବିଶାଖାପାଟନମ୍ ରେଳ ଷ୍ଟେସନ୍ ମାନଙ୍କରେ ମଧ୍ୟ ଅମୃତ ଭାରତ ଟ୍ରେନକୁ ସ୍ଥାନୀୟ ଜଣ ପ୍ରତିନିଧି ବିଶେଷ ଭାବେ ମାନ୍ୟବର ସାଂସଦ ଓ ବିଧାୟକ ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ, ରେଳ ଉତ୍ସାହୀମାନେ, ବିଶିଷ୍ଟ ବ୍ୟକ୍ତିତ୍ୱ ମାନେ ମଧ୍ୟ ଅମୃତ ଭାରତ ଟ୍ରେନ ରେ କିଛି ଦୂର ଯାତ୍ରା କରି ଏହାର ଯାତ୍ରା ସୁବିଧା ଓ ବୈଶିଷ୍ଟ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନ ଠାରେ ସାଧାରଣ ଜନତା ଅମୃତ ଭାରତ ଟ୍ରେନ୍ ସହିତ ସେଲଫି ନେବା ସହିତ ଫଟୋ ଉଠାଇବା ପାଇଁ ଉତ୍ସାହିତ ଥିଲେ । ବାଜା ବଜାଇ ଏବଂ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ମଧ୍ୟରେ ଟ୍ରେନକୁ ବହୁ ଉତ୍ସାହର ସହିତ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା ।

## ଅଲ ଓଡ଼ିଶା ଓକିଲ ସଂଘର ୫୨ତମ ବାର୍ଷିକ ଉତ୍ସବ

# ଓକିଲ ସଂଘ ହେଉଛି ବିଚାରପତିମାନଙ୍କ ମା'ସଦୃଶ

**ବାରିପଦା, ନ୍ୟୁଜ ବ୍ୟୁରୋ**
ଅଲ ଓଡ଼ିଶା ଓକିଲ ସଂଘର ୫୨ତମ ବାର୍ଷିକ ଉତ୍ସବ ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ସହିଦ ସ୍ମୃତିଭବନରେ ଉଦଘାଟିତ ହୋଇଛି. ଦୁଇଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଉତ୍ସବକୁ ଉଦଘାଟନ କରି ଓକିଲ ସଂଘ ହେଉଛି ବିଚାରପତିମାନଙ୍କ ମା'ସଦୃଶ. ସେହିଠାରୁ ହିଁ ବିଚାରପତି ସୃଷ୍ଟି ହୋଇଥାନ୍ତି. ଆଇନ ପରିଚଳାନା ଓ ତର୍ଜମା କ୍ଷେତ୍ରରେ ସଂଘ ଯେତେ ସଦୃଢ଼ ହେବ ସେଥିରୁ ଭଲ ବିଚାରପତି ସୃଷ୍ଟି ହେବେ ଏବଂ ଏହାଦ୍ୱାରା ସାଧାରଣ ଲୋକ ତ୍ୱରିତ ନ୍ୟାୟ ପାଇବାରେ ସହାୟକ ହେବ ବୋଲି କହିଥିଲେ. ସମ୍ମାନିତ ଅତିଥି ଭାବେ ଓଡ଼ିଶା




ଉଚ୍ଚନ୍ୟାୟାଳୟ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ଓଡ଼ିଶା ଷ୍ଟେଟ ବାର କାଉନସିଲର ସଦସ୍ୟ ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ଧଳ, ମୟୂରଭଞ୍ଜ ଜିଲ୍ଲା ବାର ଆସୋସିଏସନର ସଭାପତି ପ୍ରଦୀପ କୁମାର ରଥ, ଆସୋସିଏସନର ଉପଦେଷ୍ଟା ସିନିୟର ଆଡଭୋକେଟ ଶିଶିର କୁମାର ପାଢ଼ୀ, କାର୍ଯ୍ୟକାରୀ ସମ୍ପାଦକ ଆଇନଜୀବୀ ପ୍ରକାଶ ଦାଶ ଓ ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ବିପ୍ଳବ କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅଲ ଓଡ଼ିଶା ଲୋୟର ଆସୋସିଏସନର ସଭାପତି ତଥା ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ. ଆସୋସିଏସନର ସାଧାରଣ ସମ୍ପାଦକ ଆଇନଜୀବୀ ଅନୀଲ କୁମାର ପରିଡ଼ା ବାର୍ଷିକ ବିବରଣୀ ପାଠ କରି ଆଇନ ସେବା କ୍ଷେତ୍ରରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ. ପୂର୍ବରୁ ମୟୂରଭଞ୍ଜ ରାଜ୍ୟରେ ହାଇକୋର୍ଟ ସ୍ଥାପନ କରି ରାଜ୍ୟବାସୀଙ୍କୁ ନ୍ୟାୟପ୍ରଦାନ କରୁଥିଲେ ବୋଲି ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ଓକିଲ ସଂଘର ସଭାପତି ଶ୍ରୀରଥ ବକ୍ତବ୍ୟ ରଖିଥିଲେ. ଏହି ଅବସରରେ ଅଲ ଓଡ଼ିଶା ଆସୋସିଏନ ପକ୍ଷରୁ ଜିଲ୍ଲାର ଶ୍ରେଷ୍ଠ ତଥା ବରିଷ୍ଠ ଆଇନଜୀବୀ ଭାବେ ବିଜନ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା. ଆଇନଜୀବୀ ବିଭୁ ପ୍ରସାଦ ଦାଶ ଓ ଅଫିସ ସମ୍ପାଦିକା ଶ୍ରଦ୍ଧାଞ୍ଜଳି ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହାୟତାରେ ଗୋବିନ୍ଦ ଗାଇପାଇଙ୍କ 'ନୁକ୍କଡ଼ ନାଟକ' ଦ୍ୱାରା ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହନ



**ଯାଜପୁର, ନ୍ୟୁଜ ବ୍ୟୁରୋ**
ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟି ପଂଚାୟତର ମିରିଗିଚରା ଗ୍ରାମର ଗୋବିନ୍ଦ ଗାଇପାଇ (୨୪) 'ନୁକ୍କଡ଼ ନାଟକ'ର ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଆଣିବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି । ତାଙ୍କର ଯାତ୍ରା ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାରୁ ଆରମ୍ଭ ହୋଇଥିଲା ଯେତେବେଳେ ମଦ୍ୟପାନ ଯୋଗୁଁ ସେ ତାଙ୍କ ଭାଇକୁ ହରାଇଥିଲେ । ଏହି ବିନାଶକାରୀ ଅନୁଭୂତି ଅନ୍ୟମାନଙ୍କୁ ସମାନ ଭାଗ୍ୟ ଭୋଗିବାରୁ ରୋକିବା ପାଇଁ ଗୋବିନ୍ଦଙ୍କ ସଂକଳ୍ପକୁ ଉତ୍ସାହିତ କରିଥିଲା ।ଆର୍ଥିକ ଅଭାବ ସତ୍ତ୍ୱେ ଗୋବିନ୍ଦଙ୍କ ପରିବାର ଚାଷ ଓ ଛେଳି ପାଳି ଜୀବିକା ନିର୍ବାହ କରୁଥିଲେ । ୨୦୦୮ ମସିହାରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ମିଳିଥିବା ଜ୍ୟୋତି ଫେଲୋସିପ୍ ଦ୍ୱାରା ତାଙ୍କ ଶିକ୍ଷାଗତ ଯାତ୍ରାକୁ ସମର୍ଥନ ମିଳିଥିଲା ଏବଂ ସ୍ନାତକ ପର୍ଯ୍ୟନ୍ତ ସେ ଉପକୃତ ହୋଇଥିଲେ । ଏହି ସମୟରେ ସାଂସ୍କୃତିକ ପରିବେଷଣ ଏବଂ ଭୂମିକା-ନାଟକ ପ୍ରତି ତାଙ୍କର ଆଗ୍ରହ ଟାଟା ଷ୍ଟିଲ ଫାଉଣ୍ଡେସନର ଦୃଷ୍ଟି ଆକର୍ଷଣ କରିଥିଲା, ଯାହା ଦ୍ୱାରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ସୁଯୋଗ ମିଳିଥିଲା । ୨୦୨୦ରେ ମହାମାରୀ ଆରମ୍ଭ ହେବା ପରେ ଗୋବିନ୍ଦଙ୍କ ପାଠପଢ଼ା ଶେଷ କରି ଚାକିରି ପାଇବାର ଯୋଜନା ବାଧାପ୍ରାପ୍ତ ହୋଇଥିଲା । ଏହି ସମୟରେ ମଦ୍ୟପାନ ଓ କ୍ଷତିକାରକ ପଦାର୍ଥର ମୁକାବିଲା ପାଇଁ ତାଙ୍କର ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହାୟତାରେ ସେ ୧୦ ଜଣିଆ ଏକ ଦଳକୁ ଏକାଠି କରି 'ନୁକ୍କଡ଼ ନାଟକ' ପରିବେଷଣ ମାଧ୍ୟମରେ ଶିକ୍ଷା ଓ ସଚେତନତା ସୃଷ୍ଟି କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ । ସେମାନଙ୍କ ପ୍ରୟାସ ଓଡ଼ିଶାର ୧୫୦ରୁ ଅଧିକ ପଂଚାୟତରେ ପହଂଚିଛି, ଯାହା ଅନେକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି ।ଗୋବିନ୍ଦ ଗାଇପାଇ କହିଛନ୍ତି, "ଭାଇକୁ ହରାଇବା ପରେ ମୁଁ ମଦ୍ୟପାନ ଏବଂ କ୍ଷତିକାରକ ପଦାର୍ଥ ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ସଂକଳ୍ପ ନେଲି । 'ନୁକ୍କଡ ନାଟକ' ଜରିଆରେ ମୁଁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଂଚିବାକୁ ଚେଷ୍ଟା କରୁଛି । ଯଦି କେହି ମୋ ଭାଇଙ୍କ ପାଖରେ ପହଞ୍ଚିଥାନ୍ତେ, ହୁଏତ ମୋତେ ଶୋକ କରିବାକୁ ପଡ଼ିନଥାନ୍ତା । ଏହି ପଦକ୍ଷେପ ଦ୍ୱାରା, ମୁଁ ଏହି ଅଞ୍ଚଳରେ ଏତେ ସଚେତନତା ସୃଷ୍ଟି କରିବାକୁ ଚାହୁଁଛି ଯେ ମଦ୍ୟପାନ କାରଣରୁ ଅନ୍ୟ କାହାକୁ ତାଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ଶୋକ ପ୍ରକାଶ କରିବାକୁ ପଡିବ ନାହିଁ ।"ଗୋବିନ୍ଦ ଏବେ ତାଙ୍କ 'ନୁକ୍କଡ ନାଟକ'ରୁ ୩ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି । ଏହା ବ୍ୟତୀତ, ସେ ଚାଷ ସହ ଜଡିତ ଏବଂ ତାଙ୍କୁ ଟାଟା ଷ୍ଟିଲ ଫାଉଣ୍ଡେସନ ଚାଷ କୌଶଳକୁ ବଢାଇବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେଇଛି, ଯାହା ଦ୍ୱାରା ସେ ବାର୍ଷିକ ୨ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି । ଗୋବିନ୍ଦଙ୍କ ଯାତ୍ରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ପରିବର୍ତ୍ତନକୁ ସଶକ୍ତ କରିବା ପାଇଁ ଦୃଢତା, ସଂକଳ୍ପ ଏବଂ ଗଭୀର ପ୍ରତିବଦ୍ଧତାର କାହାଣୀ । ଦୁନିଆରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଥିବା ଲୋକଙ୍କ ପାଇଁ ତାଙ୍କ କାର୍ଯ୍ୟ ଆଶା ଓ ପ୍ରେରଣାର ଆଲୋକ ପାଲଟିଛି ।

# ସମ୍‌ରେ ଜାତୀୟ ଶିଶୁ ଶଲ୍ୟ ଦିବସ ପାଳିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଚଳିତ ଡିସେମ୍ବର ୨୯ ତାରିଖରେ ଜାତୀୟ ଶିଶୁ ଶଲ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ହସ୍ପିଟାଲ୍‌ର ଶିଶୁ ଶଲ୍ୟ ବିଭାଗରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶେଷଜ୍ଞ ଓ ଡାକ୍ତର ମାନେ ଶିଶୁ ଶଲ୍ୟ ସମ୍ପର୍କିତ ବିଭିନ୍ନ ରୋଗକୁ ନେଇ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ ଶିଶୁ ଉତ୍ତମ ଯତ୍ନ ଓ ଚିକିତ୍ସା ପାଇବା ପାଇଁ ହକ୍‌ଦାର । କେତେକ ଶିଶୁଙ୍କର ଶରୀରରେ ଜନ୍ମଗତ ତ୍ରୁଟି ଥିବା ବେଳେ କାହାର କାହାର ପରବର୍ତୀ ସମୟରେ ସମସ୍ୟା ଦେଖାଦେଇଥାଏ । ଶିଶୁମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା, କଫ, କାଶ ସହିତ କିଡ୍‌ନୀ, ପେଟ ସମସ୍ୟା ସହ ହୃଦଜନିତ ସମସ୍ୟା ମଧ୍ୟ ଦେଖାଦେଇଥାଏ । ସେହିପରି ହାର୍ନିଆ ଓ ଚର୍ମ ସମସ୍ୟା ମଧ୍ୟ ଉପୁଜିଥାଏ । ତେଣୁ ଏହିସବୁ ସମସ୍ୟାରୁ ଶିଶୁମାନଙ୍କୁ ଉତ୍ତମ ଚିକିତ୍ସା ଓ ଅସ୍ତ୍ରୋପଚାର ମାଧ୍ୟମରେ ସୁସ୍ଥ କରିବା ନିମନ୍ତେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଶିଶୁ ଶଲ୍ୟ ବିଶେଷଜ୍ଞମାନଙ୍କର ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ବିଶେଷଜ୍ଞ ମାନେ ମତ ବ୍ୟକ୍ତ କରିଥିଲେ । ଆଧୁନିକ ଶିଶୁ ଶଲ୍ୟ ଅସ୍ତ୍ରୋପଚାର ଦ୍ୱାରା ନବଜାତ ଶିଶୁଙ୍କ ଠାରୁ ଆରମ୍ଭ କରି ପିଲାକୁ ୧୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଦେଖାଦେଉଥିବା ଅନେକ ଜଟିଳ ସମସ୍ୟା ଯେପରିକି ଏନ୍‌କମ୍ପାସିଂ ୟୁରିନାରୀ, ଗ୍ୟାଷ୍ଟ୍ରୋଇନ୍‌ଟେଷ୍ଟାଇନାଲ୍, ଚେଷ୍ଟ, ନ୍ୟୁରୋ ସର୍ଜିକାଲ ସମସ୍ୟା ସମେତ ବିଭିନ୍ନ ଜନ୍ମଗତ ତ୍ରୁଟିର ଚିକିତ୍ସା ଓ ଉପଚାର ହୋଇପାରୁଛି । ଶିଶୁ ଶଲ୍ୟ ବିଶେଷଜ୍ଞମାନେ ଅତ୍ୟାଧୁନିକ ପ୍ରକ୍ରିୟା ଯେପରିକି କି-ହୋଲ୍, ଏଣ୍ଡୋସ୍କୋପିକ୍, ଲାପ୍ରୋସ୍କୋପିକ୍ ଓ ରୋବୋଟିକ୍ ସର୍ଜରୀ ମାଧ୍ୟମରେ ଶିଶୁମାନଙ୍କର ସୁରକ୍ଷିତ ଅସ୍ତ୍ରୋପଚାର କରିପାରୁଛନ୍ତି । ସେହିପରି ମିନିମାଲି ଇନ୍‌ଭେସିଭ୍ ସର୍ଜରୀ, ପେଡିଆଟ୍ରିକ୍ ଆନେସଥେସିଆ ଓ ହାଇଲେଭେଲ ଇନ୍‌ଟେନ୍ସିଭ୍ କେୟାର ଦ୍ୱାରା ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ସମ୍ପନ୍ନ ହୋଇପାରୁଛି ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁ ଶଲ୍ୟ ବିଭାଗର ପ୍ରଫେସର (ଡାକ୍ତର) ଅନ୍ତର୍ଯ୍ୟାମୀ ପ୍ରାଧାନ କହିଥିଲେ ।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପର ସୋନପୁର-ଖମ୍ବେଶ୍ୱରପଲ୍ଲୀ ମଧ୍ୟରେ ରେଳ ସେକ୍ସନ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୋନପୁର ଏବଂ ଖମ୍ବେଶ୍ୱରପଲ୍ଲୀ ମଧ୍ୟରେ ୧୦.୫୦ କିଲୋମିଟର ବିଶିଷ୍ଟ ବ୍ରଡ୍ ଗେଜ୍ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ରେଳ ନିରାପତ୍ତା ଆୟୁକ୍ତ (ସିଆରଏସ) ୨୯ ଡିସେମ୍ବର ୨୦୨୩ ରେ ଏହି ନୂତନ ଭାବେ ନିର୍ମିତ ରେଳ ଲାଇନକୁ ଯାଞ୍ଚ କରି ବିଭାଗର କାର୍ଯ୍ୟକାରିତା ପାଇଁ ଅନୁମତି ପ୍ରଦାନ କରିଛନ୍ତି । ସିଆରଏସ ନୂତନ ଭାବେ ନିର୍ମିତ ରେଳ ଟ୍ରାକ୍, ସିଗନାଲିଂ ସିଷ୍ଟମ୍, ବ୍ରିଜ୍ ଗୁଡିକର ସୁରକ୍ଷା ପାରାମିଟର ଯାଞ୍ଚ କରିବା ପରେ ୩୦୧ କିଲୋମିଟର ଖୋର୍ଦ୍ଧା ରୋଡ୍-ବାଲାଙ୍ଗୀର ରେଳ ଲାଇନ୍ ପ୍ରୋଜେକ୍ଟର ୧୦.୫୦ କିଲୋମିଟର ସୋନପୁର-ଖମ୍ବେଶ୍ୱରପଲ୍ଲୀ ସେକ୍ସନ ଲାଇନକୁ ରେଳ ନିରାପତ୍ତା ଆୟୁକ୍ତଙ୍କ ସ୍ୱୀକୃତି



ମିଳିଛି । ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀ ମାନେ ଏହି ନୀରିକ୍ଷଣ ସମୟରେ ସିଆରଏସଙ୍କୁ ସହାୟତା କରିଥିଲେ । ମୋଟାମୋଟି ଭାବେ, ଖୋର୍ଦ୍ଧା ରୋଡ୍-ବାଲାଙ୍ଗୀର ରେଳ ପ୍ରକଳ୍ପର ସମୁଦାୟ ୩୦୧ କିଲୋମିଟରରୁ ୧୫୨.୮୦୫ କିଲୋମିଟର ରେଳ ଲାଇନକୁ କାର୍ଯ୍ୟକ୍ଷମ କରାଯାଇଛି । ଏହି ପ୍ରକଳ୍ପ ଶୀଘ୍ର ଶେଷ ହେବା ପାଇଁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀରରୁ ଏହି ଲାଇନ ନିର୍ମାଣ କରୁଛି । ପୂର୍ବତଟ ରେଳ ଏହି ଅଞ୍ଚଳରେ ରେଳ ଭିତ୍ତିଭୂମି ବିକାଶ ପାଇଁ ପ୍ରତିସ୍ରୁତିବଦ୍ଧ ଏବଂ ଶୀଘ୍ର ପ୍ରକଳ୍ପ ଶେଷ କରିବା ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଛି । ପ୍ରଧାନମନ୍ତ୍ରୀ ପୂର୍ବରୁ ବଲାଙ୍ଗୀରରୁ ଝାରତରଭା ପର୍ଯ୍ୟନ୍ତ ରେଳ ଲାଇନର ଦୁଇଟି ବିଭାଗ ଦେଶକୁ ସମର୍ପିତ କରିଥିଲେ । ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାରେ ଏହି ପ୍ରକଳ୍ପର ଅଗ୍ରଗତି ଉପରେ ନିରନ୍ତର ନଜର ରଖିଛନ୍ତି ଏବଂ ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ରେଳ ମନ୍ତ୍ରଣାଳୟ ପ୍ରାଥମିକତା ଦେଇ ଆସୁଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଏହି ଅଞ୍ଚଳରେ କାର୍ଯ୍ୟକାରିଥିବା ଭିତ୍ତିଭୂମି କାର୍ଯ୍ୟର ସ୍ଥିତି ସମୀକ୍ଷା କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିବାବେଳେ ରେଲୱେ ବୋର୍ଡ ଦ୍ୱାରା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅବଶିଷ୍ଟ ଅଂଶ ସଂପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**
ସ୍ଥାନୀୟ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ତରଫରୁ ଫୁଲ୍‌ଟା ମା'ନାରାୟଣୀ ହାଇସ୍କୁଲଠାରେ ଗତ ୨୫ ତାରିଖ ଠାରୁ ଆରମ୍ଭ ହୋଇଥିବା ୭ ଦିନ ବ୍ୟାପୀ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି । ଶିବିରାର୍ଥୀ ମାନେ ଫୁଲ୍‌ଟାରେ ପରିବେଶ ଓ ପରିମଳ ସୁରକ୍ଷା, ନିଶା ନିବାରଣ, ଯୌତୁକ ପ୍ରଥା ବିରୋଧ, ଭୋଟର ସଚେତନତା, ବୃକ୍ଷ ରୋପଣ ଆଦି କାର୍ଯ୍ୟକ୍ରମ କରି ପ୍ରଶଂସା ଭାଜନ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହରିହର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର କୋଠିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସରପ□ ମମତା ନାହାକ, ବିଶିଷ୍ଟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପାଳ, ସଂସ୍କୃତ ଶିକ୍ଷକ ପ୍ରତାପ ପ୍ରଧାନ ଏବଂ ବରିଷ୍ଠ ସହାୟକ ନିରଞ୍ଜନ ମାର୍ଥା ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଶିକ୍ଷିତ ଯୁବ ବିଦ୍ୟାର୍ଥୀମାନେ ସେବା ପରାୟଣ ହେଲେ ସମାଜର ସର୍ବବିଧ ଉନ୍ନତି ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ । କଲେଜର ବରିଷ୍ଠ ଅଧାପକ ଡ଼କ୍ଟର ବିଷ୍ଣୁ ପ୍ରସାଦ ଦାଶ, ଅଧାପକ ତପସ୍ୱିନୀ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ଚନ୍ଦ୍ରଶେଖର ଶର୍ମା ଧନ୍ୟବାଦ୍ ପ୍ରଦାନ କରିଥିଲେ । ଶିବିରାର୍ଥୀମାନେ ନିଜକୁ କୃତକୃତ୍ୟ ମନେ କରିଥିବା ବେଳେ ଉପସ୍ଥିତ ଗ୍ରାମବାସୀ ପ୍ରଶଂସା କରିଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ମେଟ୍ରୋ...

ଏହି ଐତିହାସିକ ମେଟ୍ରୋ ପ୍ରକଳ୍ପ କରିବାକୁ ନିଷ୍ପତ୍ତି ନେଇଥିବାରୁ ବାରଙ୍ଗ ଶାନ୍ତି କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ମହାନ୍ତି, ମିଶନ ଶକ୍ତି ଅଧକ୍ଷା ସୁମିନା ପ୍ରଧାନ, ବାରଙ୍ଗ ଟ୍ରକ ଆସୋସିଏସନ ସଭାପତି ବିଜୟ କୁମାର ପଣ୍ଡା, ସମାଜସେବୀ ପବିତ୍ର ପ୍ରଧାନ, ଦିବାକର ମୁଦୁଲି,ମନୋଜ କୁମାର ସ୍ୱାଇଁ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ୫-ଟି ତଥା ଆମ ଓଡ଼ିଶା-ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ଘାଟିରୁ ଓଲଟିଲା...

ଷ୍ଟେଟ୍ ପୁଲିସ ଏକାଡେମୀ(ବିପିଏସପିଏ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ଷଡ଼ଙ୍ଗୀ ରାଜ୍ୟ ପୁଲିସ ବିଭାଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସଫଳତାର ସହ ନିଜ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

### ବ୍ୟାନ୍ ହେଲା ...

ବିଚ୍ଛିନ୍ନତାବାଦୀ ସଂଗଠନ । ଗିଲାନି ତାଙ୍କର ପୁରୁଣା ଦଳ ଜମାତ-ଏ-ଇସଲାମି କାଶ୍ମୀର ଛାଡ଼ିବା ପରେ ୭ ଅଗଷ୍ଟ ୨୦୦୪ରେ ଏହି ସଂଗଠନ ପ୍ରତିଷ୍ଠା କରିଥିଲେ । ସୂଚନାଯୋଗ୍ୟ, ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଅନୁଯାୟୀ କେନ୍ଦ୍ର ସରକାର ଯେକୌଣସି ସଂଗଠନକୁ ବେଆଇନ କିମ୍ବା ଆତଙ୍କବାଦୀ ଘୋଷଣା କରିପାରନ୍ତି । ଗୃହ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ୪୩ଟି ସଂଗଠନକୁ ଆତଙ୍କବାଦୀ ସଂଗଠନ ଘୋଷିତ କରାଯାଇଛି, ଅର୍ଥାତ ସେମାନଙ୍କୁ ବ୍ୟାନ କରାଯାଇଛି । ଏଥିମଧ୍ୟରେ ଅନେକ ଖଲିସ୍ତାନୀ ସଂଗଠନ, ଲସ୍କର-ଏ-ତୋଇବା, ଜୈଶ-ଏ-ମହମ୍ମଦ, ଏଲଟିଟିଇ ଏବଂ ଅଲ କାଏଦା ପରି ୪୩ଟି ସଂଗଠନ ରହିଛନ୍ତି ।

### ରାଜ୍ୟ ଭିଜିଲାନ୍ସକୁ ...

୬ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗିରଫ ହୋଇଛନ୍ତି । ଭିଜିଲାନ୍ସ ପକ୍ଷରୁ ୪୭୮ଟି ସ୍ଥାନରେ ସର୍ଚ୍ଚ ଅପରେସନ କରାଯାଇଥିଲା । ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ୬୮୪ ବ୍ୟାଙ୍କ ଆକାଉଣ୍ଟ ଅଚଳ ହୋଇଛି । ଆୟବହିର୍ଭୂତ ସମ୍ପତ୍ତି ଠୁଳ ସଂକ୍ରାନ୍ତ ୮୫ଟି ମାମଲାରେ ୩୬ ଦମ୍ପତି ସହଅଭିଯୁକ୍ତ ରହିଛନ୍ତି । ୧୫୩ ପ୍ରତିଶତ ହାରରେ ୪୦୬ଟି ମାମଲାର ତଦନ୍ତ ଶେଷ ହୋଇଛି । ମାମଲାର ତଦନ୍ତ ଶେଷ କରିବାରେ ୧୦ ବର୍ଷର ରେକର୍ଡ ଭାଙ୍ଗିଛି ଭିଜିଲାନ୍ସ । ଦୋଷୀ ସାବ୍ୟସ୍ତ ଘଟଣା ୧୨୪ଟି ହୋଇଥିବାବେଳେ ଏହି ହାର ୫୦ ପ୍ରତିଶତ ରହିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହାର ୬୬ ପ୍ରତିଶତ ରହିଛି । ୪୧ ହଜାର ୪୪ ସରକାରୀ କର୍ମଚାରୀଙ୍କ ଲାଗି ଭିଜିଲାନ୍ସ କ୍ଲିୟରାନ୍ସ ମିଳିଛି । ଭିଜିଲାନ୍ସ ଏକାଡେମୀରେ ଏକ ହଜାର ୧୧୩ ସର୍ବଭାରତୀୟ ଅଧିକାରୀଙ୍କ ସହ ରାଜ୍ୟ ସରକାରୀ ଅଫିସର, ଜିଲ୍ଲା ପରିଷଦ ସଭାପତି ଓ ଉପସଭାପତିଙ୍କୁ ତାଲିମ ଦିଆଯାଇଛି ।

**ନବ ବର୍ଷର ଅଭିନନ୍ଦନ-୨୦୨୪** C-2244
➢ ଖୋରଧା ପୌରପରିଷଦର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ।
➢ ଖୋରଧା ସହରର ଟିକସଦାତାମାନେ ନିଜ ନିଜର ଗୃହ ଟିକସ, ଟ୍ରେଡ୍ ଲାଇସେନ୍ସ ୟୁଜର ଫିସ୍ ଯଥା ସମୟରେ ପୈଠ କରନ୍ତୁ ଓ ଖୋର୍ଦ୍ଧା ସହରକୁ ସରସ ସୁନ୍ଦର କରିବାରେ ପରିଷଦକୁ ସହଯୋଗ କରନ୍ତୁ ।
➢ ଖୋରଧା ସହରରେ ଥିବା ମୁଖ୍ୟ ରାସ୍ତା ଓ ଗଳି ରାସ୍ତା କଡ଼ରେ ବର୍ଜ୍ୟ ବସ୍ତୁ ପକାନ୍ତୁ ନାହିଁ ଓ ରାସ୍ତା ଅବରୋଧ କରନ୍ତୁ ନାହିଁ ।
➢ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା)ରେ ସହର ସୌନ୍ଦର୍ଯ୍ୟକରଣ ସହିତ ବିଭିନ୍ନ ବସ୍ତି ଏବଂ ୱାର୍ଡ଼ରେ ଖୋଲା ବ୍ୟାୟାମଶାଳା, ପାର୍କ ଖେଳପଡ଼ିଆ ନିର୍ମାଣ ।
➢ ରାଜ୍ୟ ସରକାରଙ୍କ କଚାପକ୍କା ରାସ୍ତା ନିର୍ମାଣ ଯୋଜନାରେ ବିଭିନ୍ନ ୱାର୍ଡ଼ରେ ଥିବା କଚା ରାସ୍ତାକୁ ପକ୍କା ରାସ୍ତାରେ ରୂପାନ୍ତରିକରଣ ।
➢ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପୌର ପରିଷଦର ବିଭିନ୍ନ ୱାର୍ଡ଼ରେ ଥିବା ମନ୍ଦିରଗୁଡ଼ିକରେ ରୂପାନ୍ତରିକରଣ ।
➢ ପୌରବାସୀଙ୍କ ନିମନ୍ତେ ନୂତନ ଗୃହ ନକ୍ସା ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁମୋଦନ ।
''ଆସନ୍ତୁ ସମସ୍ତଙ୍କ ସହଯୋଗରେ ସବୁଜ ଓ ସୁସ୍ଥ ଖୋରଧା ସହର ଗଢ଼ି ତୋଳିବା''
ନିର୍ବାହୀ ଅଧିକାରୀ, ପୌରପରିଷଦ, ଖୋରଧା | ଉପାଧ୍ୟକ୍ଷ ଓ ସମସ୍ତ ପାରିଷଦ, ପୌରପରିଷଦ, ଖୋରଧା | ପୌରାଧ୍ୟକ୍ଷା, ପୌରପରିଷଦ, ଖୋରଧା
OIPR-13082/11/0039/2324

# ଅମୃତ ଭାରତ ଟ୍ରେନ୍‌କୁ କଟକରେ ବିପୁଳ ସ୍ୱାଗତ

**କଟକ, ୩୧/୧୨ ନ୍ୟୁଜ ବ୍ୟୁରୋ**
ବେଙ୍ଗାଲୁରୁରୁ ଅମୃତ ଭାରତ ଟ୍ରେନ୍‌କୁ କଟକ ରେଳ ଷ୍ଟେସନରେ ଜୋରଦାର ସ୍ୱାଗତ । ପତାକା ଦେଖାଇ ଯାତ୍ରାର ଶୁଭ ଆରମ୍ଭ କରାଯାଇଛି । ସକାଳ ସାତଟା ସମୟରେ ଏହି ଟ୍ରେନ କଟକ ଷ୍ଟେସନରୁ ଛାଡିଛି । ଏହି ସମୟରେ ରେଳବାଇର ଉଚ୍ଚ କର୍ତ୍ତୃପକ୍ଷ ଓ ବିଜେପି ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି ଅମୃତ ଭାରତ ଟ୍ରେନରେ ଜେନେରାଲ କୋଚ୍ ସହ ସେକେଣ୍ଡ କ୍ଲାସ୍ ସ୍ଲିପର କୋଚ୍ ରହିଛି । ଏହି ଟ୍ରେନରେ ମୋଟ ୧୯ଟି ବଗି ରହିଛି । ବଗି ଗୁଡିକରେ ଅତ୍ୟାଧୁନିକ ବାଇଓ ଟଏଲେଟ୍ ବ୍ୟବସ୍ଥା ରହିଛି । ଏହି ଟ୍ରେନ ଏବେ ସପ୍ତାହକୁ ଥରେ ଚାଲିବ । ଓଡିଶାରେ ଏହି ଟ୍ରେନର ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁର ଷ୍ଟେସନରେ ରହଣୀ ବ୍ୟବସ୍ଥା ରହିଛି ।

ଭୁବନେଶ୍ୱର
୧ ଜାନୁଆରୀ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24





ଭୁବନେଶ୍ୱର : 'ରୁଫ୍ ଟପ୍' ଫୁଲ ବଗିଚା ପ୍ରସ୍ତୁତ କରିବା କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିବା ଯୋଗୁଁ ଆଚାର୍ଯ୍ୟ ବିହାର ୩୪୨ ନଂ. ପ୍ଲଟ୍‌ରେ ରହୁଥିବା ଶିଳ୍ପୋଦ୍ୟୋଗୀ ଶିଶିର କୁମାର ମହାପାତ୍ରଙ୍କ ଧର୍ମପତ୍ନୀ ସମାଜସେବୀ ରେଣୁ ରଥଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ଓ ପ୍ରକାଶିକା ବାସନ୍ତୀ ରାୟ। (ଫଟୋ : ସମ୍ବାଦ କଳିକା)








ଭୁବନେଶ୍ୱର : ନବୀନ ନିବାସ ଠାରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ : ସମ୍ବାଦ କଳିକା)



# ଅଚ୍ୟୁତ ସାମନ୍ତଙ୍କୁ ଓଡ଼ିଆ ଅସ୍ମିତା ସମ୍ମାନ -୨୦୨୩

**ଭୁବନେଶ୍ୱର, ୩୧/୧୨ ନ୍ୟୁଜ ବ୍ୟୁରୋ**

ଉତ୍କଳ ସମ୍ମିଳନୀର ୧୨୦ବର୍ଷ ପୂର୍ତ୍ତି ଅବସରରେ କଟକରେ ଆୟୋଜିତ ଓଡ଼ିଆ ଅସ୍ମିତା ସମ୍ମିଳନୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ପ୍ରଥମ 'ଓଡ଼ିଆ ଅସ୍ମିତା ସମ୍ମାନ' ୨୦୨୩ ପ୍ରଦାନ କରାଯାଇଛି। ଶିକ୍ଷା, ଶିଳ୍ପ, ସମାଜ ସଂସ୍କାର, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବିକାଶ ନେଇ ଓଡ଼ିଆ ଜାତିର ମହାନାୟକ କୁଳବୃଦ୍ଧ ମଧୁସୂଦନ ଦାସ ଯେଉଁ ସ୍ୱପ୍ନ ଦେଖିଥିଲେ ଓ ଉଦ୍ୟମ କରିଥିଲେ ଡ.ଅଚ୍ୟୁତ ସାମନ୍ତ ଶିକ୍ଷା ଓ ସମାଜସେବା ଜରିଆରେ ସେସବୁ କିଛି ମାତ୍ରାରେ ସାକାର କରିପାରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ନିଜ ପ୍ରତିକ୍ରିୟାରେ ଡ. ସାମନ୍ତ କହିଲେ, ମୁଁ ଅନେକ ପୁରସ୍କାର ପାଇଛି, ମାତ୍ର ପ୍ରଥମ ଓଡ଼ିଆ ଅସ୍ମିତା ସମ୍ମାନ-୨୦୨୩ ପାଇଁ ନିଜକୁ ଗୌରବାନ୍ୱିତ ମନେକରୁଛି । କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତା ସମ୍ମିଳନୀର ଆବାହକ ଦେବେନ୍ଦ୍ର ନାଥ ରାଉତ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୁକିମ୍‌ଙ୍କ ସମେତ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ କାର୍ଯ୍ୟରତ ବିଶିଷ୍ଟ ଓଡ଼ିଶା ବ୍ୟକ୍ତିତ୍ୱ, ରାଜନେତା, ଲେଖକ, ବୁଦ୍ଧିଜୀବୀ ଓ ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

Viraj steel
&
Energy Pvt Ltd
At. Gurupali
Dist.Sambalpur

## ଶ୍ରୀଲିଙ୍ଗରାଜ ମନ୍ଦିରରେ ନୂଆବର୍ଷରୁ ନୂଆ ନିୟମ

# ଓମ୍‌ଫେଡ ଘିଅରେ କୋଠ ଭୋଗ: ପଲିଥିନ, ପ୍ଲାଷ୍ଟିକକୁ ବାରଣ

**ଭୁବନେଶ୍ୱର, ୩୧/୧୨ ନ୍ୟୁଜ ବ୍ୟୁରୋ**

ନୂଆବର୍ଷ ଆରମ୍ଭରୁ ଓମ୍‌ଫେଡ ଘିଅରେ ଶ୍ରୀଲିଙ୍ଗରାଜଙ୍କ କୋଠ ଭୋଗ ରନ୍ଧା ହେବ। ୧୫ଦିନ ମଧ୍ୟରେ ସେବାୟତଙ୍କ ପରିଚୟପତ୍ର ପାଇଁ ମନ୍ଦିର ପ୍ରଶାସନକୁ ତାଲିକା ପ୍ରଦାନ କରାଯିବ। ଏଥିସହ ଶ୍ରୀଲିଙ୍ଗରାଜ ମନ୍ଦିରକୁ ପାନ, ଗୁଟ୍‌ଖା ସେବନକାରୀଙ୍କୁ ପ୍ରବେଶ ନିଷେଧ ସହିତ ପଲିଥିନ୍ ଓ ପ୍ଲାଷ୍ଟିକକୁ ବାରଣ କରାଯାଇଛି। ନୂଆବର୍ଷରୁ ଏହି ନୂଆ ନିୟମ କଡ଼ାକଡ଼ି ଭାବେ ଲାଗୁ ହେବ। ଏହି ନିୟମକୁ ଟ୍ରଷ୍ଟ ବୋର୍ଡ ବୈଠକରେ ଅନୁମତି ପରେ ମନ୍ଦିର ସେବାୟତ ମୁଖ୍ୟଙ୍କୁ ଚିଠି କରାଯାଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ ପରେ ଅତିରିକ୍ତ ଜିଲ୍ଲାପାଳ ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟକ୍ଷ ରୁଦ୍ରନାରାୟଣ ମହାନ୍ତି ଏହି ଚିଠି ସେବାୟତଙ୍କୁ ପ୍ରେରଣ କରିଛନ୍ତି। ହେଲେ କେବଳ କୋଠ ଭୋଗ କାହିଁକି ସବୁ ଭୋଗରେ ଶୁଦ୍ଧ ଭଲଘିଅ ତଥା ଓମ୍‌ଫେଡ ଘିଅ ବ୍ୟବହାର କରିବା ଲାଗି ନିୟମ କରିବାକୁ ସେବାୟତମାନେ ଦାବି କରିଛନ୍ତି। ଏନେଇ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କୁହନ୍ତି ଯଦି କୋଠ ଭୋଗ ରୋଷେଇ ପାଇଁ ଶୁଦ୍ଧ ଘିଅ ବ୍ୟବହାର ପାଇଁ ନିୟମ ହୋଇଛି ତେବେ ଦୀପ ଜାଳିବା ପାଇଁ ପୁରୀ ଶ୍ରୀମନ୍ଦିର ପରି ବିଶୁଦ୍ଧ ଘିଅ କିମ୍ବା ଓମ୍‌ଫେଡ ଘିଅ ଜାଳିବା ପାଇଁ କାହିଁକି ନିୟମ କରାଯାଉନାହିଁ। ଏଥିପାଇଁ ପ୍ରଶାସନ କାହିଁକି ପଦକ୍ଷେପ ନେଉନାହିଁ। ସେବାୟତ ଗୋପାଳ ମକଦ୍ଦମ କହିଛନ୍ତି ମନ୍ଦିର ପ୍ରଶାସନ କେବଳ କୋଠ ଭୋଗ ପାଇଁ ଏହି ନିୟମ ଲାଗୁ କରିଛନ୍ତି। ମନ୍ଦିରକୁ ଶହ ଶହ ଭକ୍ତ ପ୍ରସାଦ ପାଇବାକୁ ଆସୁଛନ୍ତି। ଉକ୍ତ ଅବଢ଼ା ଶୁଦ୍ଧ ଭଲଘିଅ ତଥା ଓମ୍‌ଫେଡ ଘିଅରେ ପ୍ରସ୍ତୁତ କରିବାକୁ ନିୟମ ହେବା ଉଚିତ। ଅନ୍ୟପଟେ ଧର୍ମୀୟ ଭାବନାକୁ ଗୁରୁତ୍ୱ ଦେଇ ମନ୍ଦିର ମଧ୍ୟକୁ ପାନ କିମ୍ବା ଗୁଟ୍‌ଖା ଖାଇ ପ୍ରବେଶ କରିବା ଅନୁଚିତ। ସେହିପରି ମାଦକ ଦ୍ରବ୍ୟ ଖାଇ ଅନେକ ମନ୍ଦିରକୁ ଯାଉଛନ୍ତି। କେଉଁଠି ପାନ ଛେପ ପଡୁଛି ତ ପୁଣି କେଉଁଠି ଭକ୍ତ ବା ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ହେଉଛି। ନୂଆ ନିୟମ ଲାଗୁ ପରେ ଏସବୁରେ ଅଙ୍କୁଶ ଲାଗିବ। ବହୁ ସମୟରେ ମନ୍ଦିର ଭିତରେ ପ୍ଲାଷ୍ଟିକ / ଜରି ଗ୍ଲାସ୍, ପଲିଥିନ୍ ଓ ପ୍ୟାକେଟ୍ କ୍ଷୀର ବହୁଳ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ନୂଆ ବର୍ଷରୁ ଏସବୁ ନିୟମ କଡ଼ାକଡ଼ି ପାଳନ କରାଯିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଯାହାକୁ ନେଇ ଶ୍ରଦ୍ଧାଳୁ ଖୁସିବ୍ୟକ୍ତ କରିଛନ୍ତି। ଶୁଦ୍ଧ ଘିଅ ବ୍ୟବହାର ସମ୍ପର୍କରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ମହାନ୍ତି କୁହନ୍ତି ପ୍ରଥମେ କୋଠଭୋଗ ରୋଷେଇ ବ୍ୟବହାରରେ ଓମ୍‌ଫେଡ ଘିଅ ବ୍ୟବହାର କରାଯିବ। ଧୀରେ ଧୀରେ ଶୁଦ୍ଧ ଘିଅରେ ଦୀପ ଜାଳିବା ପାଇଁ ଟ୍ରଷ୍ଟ ବୋର୍ଡ ଏହି ନିଷ୍ପତ୍ତି ନେବ।

**ସେବାୟତଙ୍କୁ ମିଳିବ ପରିଚୟ ପତ୍ର :** ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ସେବାୟତଙ୍କ ସହ ଅଣସେବାୟତ ଉପସ୍ଥିତ ରହୁଥିବା ବେଳେ ଏଣିକି ସେବାୟତଙ୍କୁ ଚିହ୍ନଟ କରିବା ସହଜ ହେବ। ଏନେଇ ମନ୍ଦିର ପରିଚାଳନା କମିଟି ତଥା ଟ୍ରଷ୍ଟ ବୋର୍ଡ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପରେ ବ୍ରାହ୍ମଣ ନିଯୋଗ, ବଡୁ ନିଯୋଗ, ପୂଜାପଣ୍ଡା ନିଯୋଗ ଓ ସମର୍ଥା ନିଯୋଗ ମୁଖ୍ୟଙ୍କୁ ଚିଠି କରାଯାଇଛି। ମହାପ୍ରଭୁଙ୍କ ସମସ୍ତ ସେବାୟତଙ୍କୁ ପରିଚୟପତ୍ର ମିଳିବ। ଏଥିଲାଗି ନିଯୋଗର ପ୍ରମୁଖଙ୍କୁ ତାଲିକା ମଗାଯାଇଛି। ପାଳିଆ ସେବାୟତ ଓ ପର୍ଯ୍ୟାୟ କ୍ରମେ ଅନ୍ୟ ସବୁ ସେବାୟତଙ୍କୁ ପରିଚୟ ପତ୍ର ମିଳିବ। ଶ୍ରୀଲିଙ୍ଗରାଜ ମନ୍ଦିରରେ ଅନେକ ସେବାୟତ ଠାକୁରଙ୍କ ସେବା କରୁଛନ୍ତି। କେତେକ ବଡ଼ ପର୍ବ ପର୍ବାଣିରେ ସମସ୍ତଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଲଗାଇବା ଏବଂ ବିଶେଷ ପୂଜା ନୀତି ବେଳେ ନୀତି ଶୃଙ୍ଖଳିତ ଓ ସୁପରିଚାଳନା ପାଇଁ ଏପରି ପରିଚୟପତ୍ର ବ୍ୟବସ୍ଥା କରାଯିବ।

# ବିଷ ବଳୟରେ କଟକ ସହର: ବାୟୁମଣ୍ଡଳରେ ଅତି ସୂକ୍ଷ୍ମ କଣିକାର ମାତ୍ରା ସର୍ବାଧିକ

**କଟକ, ୩୧/୧୨ ନ୍ୟୁଜ ବ୍ୟୁରୋ**

ବିଷାକ୍ତ ହେଉଛି କଟକ ସହରର ବାୟୁମଣ୍ଡଳ। ସହରର ବାୟୁ ଆଉ ଶ୍ୱାସନଯୋଗ୍ୟ ହୋଇ ରହି ନାହିଁ। ବାୟୁମଣ୍ଡଳରେ ଅତି ସୂକ୍ଷ୍ମକଣିକା ସର୍ବାଧିକ ପରିମାଣରେ ଅଛି। ଏହି କଣିକାମାନ ସହଜରେ ଶ୍ୱାସକ୍ରିୟାରେ ଶରୀରକୁ ଯାଇ ଫୁସ୍‌ଫୁସକୁ ଆକ୍ରାନ୍ତ କରିପାରେ। ସହରର ବାୟୁମଣ୍ଡଳରେ ଅଧିକ ସମୟରେ ରହିଲେ, ଶ୍ୱାସକ୍ରିୟାଜନିତ ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଡିସେମ୍ବର ୨୯ ତାରିଖ ସେଣ୍ଟ୍ରାଲ୍ ପଲ୍ୟୁସନ କଣ୍ଟ୍ରୋଲ୍ ବୋର୍ଡ(ସିପିସିବି) ପକ୍ଷରୁ ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ସିପିସିବି ପକ୍ଷରୁ ଦେଶର ୨୩୪ଟି ସହରର ଏୟାରକ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ସର୍ଭେ କରାଯାଇଥିବା ବେଳେ ଦେଶର ୧୫ଟି ସହରର ବାୟୁମଣ୍ଡଳ ଅତି ଦୁର୍ବଳ ଜଣାପଡ଼ିଛି। ଓଡ଼ିଶାର ୪ଟି ସହର ମଧ୍ୟରୁ କଟକ ସହର ତୃତୀୟ ସ୍ଥାନରେ ରହିଛି। ଅତି ଦୁର୍ବଳ ବାୟୁମଣ୍ଡଳ ରହିଥିବା ଓଡ଼ିଶାର ଅନ୍ୟ ସହର ମଧ୍ୟରେ ଅନୁଗୁଳ, ବାଲେଶ୍ୱର, ତାଳଚେର ଆଦି ଅଛି। ନଦୀ, ସବୁଜିମା ବଳୟରେ ଥିବା କଟକ ସହରର ବାୟୁମଣ୍ଡଳ ଅତ୍ୟନ୍ତ ସ୍ୱାସ୍ଥ୍ୟ ଉପଯୋଗୀ ଥିଲା। କିନ୍ତୁ ପୂର୍ବ ସ୍ଥିତିକୁ ଠିକ୍‌ରେ ପରିଚାଳନା ନ କରିବା ଦ୍ୱାରା ବାୟୁର ଗୁଣାତ୍ମକ ମାନ ଅତ୍ୟନ୍ତ ଦୁର୍ବଳ ହୋଇଛି। ସିପିସିବି ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ କଟକ ସହର ବାୟୁର ଗୁଣାତ୍ମକ ସୂଚକାଙ୍କ (ଏକ୍ୟୁଆଇ) ୩୧୭ ଓ ପ୍ରମିନାଣ୍ଟ ପଲ୍ୟୁଟାଣ୍ଟ ମାତ୍ରା ୨.୫ ମାଇକ୍ରୋମିଟର ରହିଛି। କଟକ ସହରର ବାୟୁର ଏଭଳି ସ୍ଥିତିରୁ ଜଣାପଡ଼ିଛି, ବାୟୁମଣ୍ଡଳରେ ଅତି ସୂକ୍ଷ୍ମ କଣିକାର ମାତ୍ରା ଅଧିକ ପରିମାଣରେ ରହିଛି। ଏହି ବାୟୁରେ ଅଧିକ ସମୟ ଚଳାଚଳ ହେଲେ, ଶ୍ୱାସକ୍ରିୟାଜନିତ ରୋଗ ହେବାର ସମ୍ଭାବନା ଅଧିକ। କଟକ ବାୟୁମଣ୍ଡଳର ସ୍ଥିତି ତାଳଚେର ଠାରୁ ବି ଅଧିକ ଜଟିଳ ବୋଲି ରିପୋର୍ଟରୁ ସୂଚନା ମିଳିଛି। ତାଳଚେରର ଏକ୍ୟୁଆଇ ୩୧୬ ରହିଥିବା ବେଳେ କଟକର ୩୧୭ ରହିଛି। ଏବେଠୁ ପ୍ରତିକାର ବ୍ୟବସ୍ଥା ନ କଲେ, ଆଗକୁ ସ୍ଥିତ ସଂଗିନ ହେବା ଜଳଜଳ ଦିଶୁଛି। ଏଭଳି ରିପୋର୍ଟ ଜଣାପଡ଼ିବା ପରେ ବୁଦ୍ଧିଜୀବୀ ଓ ପରିବେଶବିତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବିଶିଷ୍ଟ ପରିବେଶ ବିଜ୍ଞାନୀ ଡକ୍ଟର ଆଶୁତୋଷ ଦେବତା କହିଛନ୍ତି ଯେ, କଟକ ସହରର ଏକ୍ୟୁଆଇ ୩ ଶହରୁ ଅଧିକ ହେବା ଅର୍ଥ ଏହାର ବାୟୁ ଅତି ଦୁର୍ବଳ। ଏହି ବାୟୁରେ ଅଧିକ ସମୟ ରହିଲେ, ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ବହୁ ସମ୍ଭାବନା ରହିଛି।








ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା



ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚିଦାନନ୍ଦ କର, ମୁଠାଏ ଆଶା-ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)